**ପୁଅ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କଲେ ମା'**

**ଭୁବନେଶ୍ୱର,(ବ୍ୟୁରୋ):** ଜଗତସିଂହପୁର ଜିଲା କୁଜଙ୍ଗ ଗ୍ରାମର ଯୁବ ଇଞ୍ଜିନିୟର ଅମୃତ ଦାଶ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସହ ନ୍ୟାୟ ପାଇଁ ପରିବାର ଲୋକେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏ ନେଇ ଅମୃତଙ୍କ ମା' ସୁଲୋଚନା ଦାସ କହିଛନ୍ତି, ଅମୃତକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଜଗତସିଂହପୁର ପୋଲିସ ପ୍ରଭାବଶାଳୀ ନେତାଙ୍କ ଚାପରେ ହତ୍ୟା ଘଟଣାକୁ ଦୁର୍ଘଟଣା ରୂପଦେଇ ମାମଲା ରଫାଦଫା କରିବାକୁ ଚେଷ୍ଟା କରୁଛି। ବଡପୁଅ ସୁବ୍ରତ ବିଧାନସଭା ଆଗରେ ଆତ୍ମାହୁତି ଦେବାକୁ ଉଦ୍ୟମ କଲାପରେ ମଧ ରାଜ୍ୟ ପୋଲିସ ବା ସରକାର ଦୁଃଖ ବୁଝିଲେ ନାହିଁ। ନ୍ୟାୟ ପାଇବାରେ ସବୁଠି ନିରାଶ ହେବା ପରେ ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ସୁପ୍ରିମ୍‌କୋର୍ଟଙ୍କୁ ଚିଠି ଲେଖି ଗୁହାରି ଜଣାଇଛନ୍ତି।

## ସଂକ୍ଷେପରେ

### 'ଗବେଷଣା ବିନା ଉଚ୍ଚଶିକ୍ଷା ଦିଗହରା'

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ରମାଦେବୀ ମହିଳା ବଶ୍ୱବିଦ୍ୟାଳୟରେ ୫ଦିନିଆ ଶିକ୍ଷକ ବିକାଶ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗବେଷଣା ପଦ୍ଧତି ଉପରେ ହେଉଥିବା ଏହି ଭର୍ଚୁଆଲ କର୍ମଶାଳାକୁ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଗବେଷଣା ବିନା ଉଚ୍ଚଶିକ୍ଷା ଦିଗହରା। ତେଣୁ ଯୁବକମାନେ ଠିକ୍ ଭାବେ ପ୍ରଶିକ୍ଷିତ ହେବା ଜରୁରୀ ବୋଲି କୁଳପତି କହିଛନ୍ତି। ଉଚ୍ଚଶିକ୍ଷା ପରିଷଦ ଉପାଧକ୍ଷ ପ୍ରଫେସର ଅଶୋକ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଗବେଷଣାର ଗୁରୁତ୍ୱାରୋପ କରିଥିଲେ। ଗବେଷଣା ଏକ ବିଜ୍ଞାନ ଓ ଗବେଷକମାନେ ଏ ପ୍ରକାର ଜ୍ଞାନ ଆହରଣ କରିବା ଉଚିତ ବୋଲି ସେ କହିଥିଲେ। ପ୍ରଫେସର ଚଣ୍ଡୀ ଚରଣ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବା ବେଳେ ଡ. ବିଭୁଦେନ୍ଦୁ ପତି ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ଦେଶର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖ୍ୟାତନାମା ଗବେଷକମାନେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ଫଳଦୋକାନୀଙ୍କୁ ଠକିଲା କର୍ଣ୍ଣାଟକ ସଂସ୍ଥା

**ହରାଇଲେ ୧ଲକ୍ଷ ୭୧ହଜାର**

**ଭୁବନେଶ୍ୱର, ୭।୭(ବ୍ୟୁରୋ):** ରାଜଧାନୀର ଜଣେ ଦୋକାନୀ ଫଳ କିଣିବାକୁ ଯାଇ ଠକେଇର ଶିକାର ହୋଇଛନ୍ତି। ଅଶୋକନଗର ଅଞ୍ଚଳର ଉକ୍ତ ଫଳଦୋକାନୀଙ୍କୁ କର୍ଣ୍ଣାଟକର ଏକ ଫଳ ବ୍ୟବସାୟୀ ସଂସ୍ଥା ହୋଲସେଲ୍ ମୂଲ୍ୟରେ ଫଳ ଯୋଗାଇବ କହି ତାଙ୍କଠାରୁ ୧ଲକ୍ଷ ୭୧ହଜାର ଟଙ୍କା ନେଇଯାଇଛି। ଟଙ୍କା ନେବା ପରେ ଫଳ ନ ପଠାଇବାରୁ ସମ୍ପୃକ୍ତ ଦୋକାନୀ ଅରୁଣ କୁମାର ସାହୁ ଏ ନେଇ ବୁଧବାର କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କର୍ଣ୍ଣାଟକର ଏକ ସଂସ୍ଥା ଫଳ ଯୋଗାଇବାକୁ ଅରୁଣଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଅରୁଣ ତାଙ୍କ ସହ କଥାବାର୍ତ୍ତା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଟ୍ରକ୍‌ରେ ଫଳ ଲୋଡ୍ ହେଉଥିବା ଫଟୋ ପଠାଯିବା ସହ ଭିଡିଓ କଲ୍‌ରେ ଗାଡ଼ି ଲୋଡିଂ ହେଉଥିବା ଦେଖାଇଥିଲେ। ପ୍ରଥମେ ଅଧା ଟଙ୍କା ଓ ପରେ ବାକି ଅର୍ଥ ଦେବାକୁ କଥା ଛିଡ଼ିଥିଲା। ଫଳ ପାଇଁ ଅରୁଣ ୫ଟି ପର୍ଯ୍ୟାୟରେ ଅନ୍‌ଲାଇନରେ ଟଙ୍କା ପଠାଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ଉକ୍ତ ସଂସ୍ଥା ଆଉ ଅରୁଣଙ୍କ ଫୋନ ଉଠାଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ଅରୁଣ ଥାନାରେ ଗତ ମେ ୧ ତାରିଖରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ସଂସ୍ଥା ନାମରେ କର୍ଣ୍ଣାଟକରେ କୌଣସି ସଂସ୍ଥା ନ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏହି ଠକ ସଂସ୍ଥାକୁ ଠାବ କରିବା ପାଇଁ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### କାର୍ ଧକ୍କାରେ ଷଣ୍ଢ ମୃତ

**ପୁରୁଣା ଭୁବନେଶ୍ୱର, ୭।୭ (ଡି.ଏନ.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡ଼ିଆପୋଖରୀ ଛକ ନିକଟରେ ବୁଧବାର କାର ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ଘଟିଛି। ତେବେ ସେଠାରେ ଉପସ୍ଥିତ ଥିବା ଜେଣ କିନ୍ନର କାରକୁ ଅଟକାଇଥିଲେ। ଏହା ପରେ ଗୁଡ଼ିଆପୋଖରୀ ଅଞ୍ଚଳର କେତେଜଣ ଯୁବକ ଡ୍ରୋଜର ମାଧ୍ୟମରେ ଗାତ ଖୋଳି ଷଣ୍ଢକୁ ପୋତିଥିଲେ। ଯୁବକଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ୭ବର୍ଷର କନ୍ୟାକୁ ନିର୍ଯାତନା

■ବାପା, ସାବତ ମା' ଗରମପାଣି ଢାଳିବା ସହ ଶିକୁଳିରେ ବାନ୍ଧି ରଖିଥିଲେ

■ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କଲା ଜନ୍ମଦାତ୍ରୀ ମା'

ଭୁବନେଶ୍ୱର,(ବ୍ୟୁରୋ)/ପିପିଲି,(ସ୍ୱ.ପ୍ର.) ୭।୭

ମାତ୍ର ୭ବର୍ଷର ଶିଶୁଟିଏ। କିଏ ପର କିଏ ଆପଣାର ଜାଣେନାହିଁ। ହେଲେ ତା' ପ୍ରତି ବାପା ଓ ସାବତ ମା' ପାତରଅନ୍ତର ମନୋଭାବ ରଖି ନିଷ୍ଠୁର ହୋଇ ବର୍ବରତାର ସୀମା ଟପିଛନ୍ତି। ବାପା ଓ ସାବତ ମା' କୁନିଝିଅକୁ ସ୍କୁଲକୁ ନ ଛାଡ଼ି ଅମାନବୀୟ ଭାବେ ଶିକୁଳିରେ ବାନ୍ଧି ରଖିବା ସହ ନାନା ପ୍ରକାର ନିର୍ଯାତନା ଦେଉଥିଲେ। ଗରମ ପାଣିରେ ତା' ହାତ ବୁଡ଼ାଇଦେବା ସହ ମାଡ଼ ମାରୁଥିଲେ। ଏପରି କି, ଅନେକ ସମୟରେ ଖାଇବାକୁ ମଧ ଦେଉ ନ ଥିଲେ। ନିଜ ଜନ୍ମିତ ମା'କୁ ଝୁରି ହେଉଥିବାରୁ ଶିଶୁକନ୍ୟାଟି ଏଭଳି କଠୋର ଦଣ୍ଡ ପାଉଥିବା କୁହାଯାଉଛି। ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଧୀନ ବାରହଳ ଅଞ୍ଚଳରେ ଘଟିଥିବା ଏଭଳି ଦୁଃଖଦ ଘଟଣା ରାଜଧାନୀ ସମେତ ପିପିଲି ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନା ଯୋଗୁ ଗୁରୁତର ହୋଇପଡ଼ିଥିବା ସମ୍ପୃକ୍ତ ଶିଶୁକନ୍ୟାକୁ ବୁଧବାର ତା'ର ଜନ୍ମଦାତ୍ରୀ ମା' ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୩ରେ ବାରହଳ ଅଞ୍ଚଳର ବିଲାଲ ଖାନ୍ ପିପିଲି ଅଞ୍ଚଳର ରିଜୱାନା ପରୱିନଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଥିବାବେଳେ କିଛିବର୍ଷ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଏହା ପରେ ବିବାହ ବିଚ୍ଛେଦ ଯୋଗୁ ସେମାନେ ଅଲଗା ରହୁଥିଲେ। ପରୱିନ ଝିଅ ସହ ବାପଘରେ ଆସି ରହିଥିଲେ। ପରେ ବିଲାଲ ଦ୍ୱିତୀୟ ବିବାହ କରି ବାରହଳ ଅଞ୍ଚଳରେ ରହୁଥିଲେ। ୨୦୨୦ରେ ବିଲାଲ ଜୋରଜବରଦସ୍ତି ପରୱିନଙ୍କ ନିକଟରୁ ଝିଅକୁ ନେଇ ନିଜ ପାଖରେ ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଶିଶୁ କନ୍ୟାକୁ କୌଣସି କାରଣ ନେଇ ତା'ର ବାପା ଓ ସାବତ ମା' ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶିଶୁକନ୍ୟା ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବୁଧବାର ଖବରପାଇ ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ପରୱିନ ଝିଅକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଘଟଣା ସମ୍ପର୍କରେ ବାଲିପାଟଣା ଥାନା ଓ ଶିଶୁ କଲ୍ୟାଣ ବୋର୍ଡକୁ ଅବଗତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଲାଲ୍ ନିର୍ଯାତନା କଥାକୁ ଖଣ୍ଡନ କରିବା ସହ ଝିଅ ନିଜ ମା'କୁ ଝୁରି ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ଝିଅ ଏଣିକି ମୋ' ପାଖରେ ରହିବ ଏବଂ ଚିକିତ୍ସା ପାଇଁ ସେ ୩୦ ହଜାର ଟଙ୍କା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଚିକିତ୍ସା ପରେ ସେ ପୋଲିସର ଦ୍ୱାରସ୍ଥ ହେବେ ବୋଲି ଶିଶୁକନ୍ୟାର ଜନ୍ମଦାତ୍ରୀ ମା' କହିଛନ୍ତି।



ଅଧିକାର କର୍ମୀ ଫାଦର ଷ୍ଟାନ୍ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ବୁଧବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଅଲ୍ ଇଣ୍ଡିଆ ପିପୁଲ୍ସ ଫୋରମ୍ (ଏଆଇପିଏଫ୍ ) ପକ୍ଷରୁ ନୀରବ ପ୍ରତିବାଦ।

# ସନ୍‌ସାଇନ ହସ୍ପିଟାଲରେ କ୍ୟାଥ୍‌ଲାବ



ଭୁବନେଶ୍ୱର,୭।୭

ରାଜ୍ୟର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ସନ୍‌ସାଇନ୍ ହସ୍ପିଟାଲ୍ ପରିସରରେ ବୁଧବାର ଏକ ଅଗ୍ରୀମ କୁଶଳ ଏବଂ ଆତ୍ୟାଧୁନିକ କ୍ୟାଥ୍‌ଲାବ ର ଶୁଭାରମ୍ଭ ହୋଇଛି। ହସ୍ପିଟାଲର ପ୍ରବନ୍ଧକ ଡ. ପି.ଏନ ସାହୁ, ବରିଷ୍ଠ କାର୍ଡିଓଲୋଜିଷ୍ଟ ଡ.ବିଶ୍ୱରଞ୍ଜନ ଜେନା, ହସ୍ପିଟାଲ ସିଇଓ ପ୍ରିୟବ୍ରତ ମହାପାତ୍ରଙ୍କ ଉପସ୍ଥିତିରେ ଏହାର ଉଦଘାଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡ. ଜେନା ଉଦଘାଟନୀ ଅବସରରେ ୨ ଜଣ ରୋଗୀଙ୍କର ସଫଳତାର ସହିତ କ୍ୟାଥ୍ ପରୀକ୍ଷଣ କରାଯାଇଥିଲା।

# ୨ ହୋମଗାର୍ଡ ବହିଷ୍କୃତ, ଜଣେ ଓଏପିଏଫ୍ ନିଲମ୍ବିତ

ଭୁବନେଶ୍ୱର,୭।୭(ବ୍ୟୁରୋ)

ରାଜଧାନୀରେ ଜଣେ ନାବାଳକ ଚା' ଦୋକାନୀଙ୍କୁ ପୋଲିସର ଗୋଇଠା ମାଡ଼ ଓ ଜିନିଷପତ୍ର ଲୁଟିନେବା ଘଟଣାରେ ଡିସିପି ଉମାଶଙ୍କର ଦାଶ ପିସିଆର୍‌ରେ ଥିବା ସମ୍ପୃକ୍ତ ୪ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନାବାଳକଙ୍କୁ ମାଡ଼ ମାରିଥିବା ହୋମଗାର୍ଡ ଅଜୟ କୁମାର ବିଶ୍ୱାଳଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଏଥିସହ ସେଠାରେ ଉପସ୍ଥିତ ଥିବା ଅନ୍ୟ ଜଣେ ହୋମ୍‌ଗାର୍ଡଙ୍କୁ ବହିଷ୍କାର ଏବଂ ଓଏପିଏଫ୍ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ସେହିପରି ପିସିଆର୍‌ରେ ଥିବା ଜଣେ ଏସ୍‌ପିଓ(ସ୍ପେଶାଲ ପୋଲିସ ଅଫିସର)ଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ରବିବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଥିଲେ। ୭ଦିନ ଭିତରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଯୋଗ୍ୟ, ଶହୀଦନଗର ଥାନା କେଶୁରା ଅଞ୍ଚଳରେ ଜୁଲାଇ ୨୯ରେ ଏକ ଚା' ଦୋକାନ ଖୋଲା ରହିଥିଲା। ଲକଡାଉନ ସମୟରେ ଦୋକାନ ଖୋଲାଥିବା ଦେଖି ପିସିଆର୍ ଭ୍ୟାନ୍‌ରେ ୩ଜଣ ପୋଲିସ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ସେମାନେ ଦୋକାନ ଭିତରେ ପଶି କ୍ଷୀର, ପାଉଁରୁଟି ଆଦି ବିଭିନ୍ନ ଜିନିଷ ବସ୍ତାରେ ପୂରାଇ ନେଇଯାଉଥିଲେ। ଏହି ସମୟରେ ଦୋକାନରେ ଥିବା ନାବାଳକ ଜଣକ ଏହାକୁ ବିରୋଧ କରିଥିଲେ। ହୋମଗାର୍ଡ ଅଜୟ ଉକ୍ତ ନାବାଳକଙ୍କୁ ନିସ୍ଥୁକ ଗୋଇଠା ମାରିଥିଲେ। ପରେ ଦୋକାନରୁ ଜିନିଷ ନେଇ ପଳାଇଯାଇଥିଲେ। କରୋନା କଟକଣା ଆଳରେ ପୋଲିସର ଏଭଳି ଅମାନବୀୟ କାଣ୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ବିଭିନ୍ନ ମହଲରେ ଏହାକୁ ଦୃଢ ନିନ୍ଦା କରାଯାଇଥିଲା। ପରେ ସମ୍ପୃକ୍ତ ହୋମଗାର୍ଡଙ୍କୁ ଡିସିପି ଉମାଶଙ୍କର ଦାଶ ନିଲମ୍ବିତ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିଲେ।

**ନାବାଳକଙ୍କୁ ପୋଲିସର ଗୋଇଠା ମାଡ ଘଟଣା**

# ଘଟଣା ପଛର ରହସ୍ୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୭।୭ (ବ୍ୟୁରୋ)



**ଭୀମଟାଙ୍ଗି ପ୍ରିୟଙ୍କା ହତ୍ୟା ମାମଲା**

■ବ୍ୟବଚ୍ଛେଦ ରିପୋର୍ଟ ଗୁରୁତ୍ୱପୂର୍ଣ୍ଣ

ଏୟାରଫିଲ୍ଡ ଥାନା ଭୀମଟାଙ୍ଗି ରିଙ୍କି ଓରଫ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ହତ୍ୟା ମାମଲାରେ କମିଶନରେଟ ପୋଲିସର ତଦନ୍ତ ଜାରି ରହିଛି। ପ୍ରେମରେ ବିଫଳ ହେବା ପରେ ଅଭିଯୁକ୍ତ ଜଗନ୍ନାଥ ପ୍ରଧାନ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଛି ନା ଏହାପଛରେ ଅନ୍ୟ କୌଣସି କାରଣ ରହିଛି, ସେ ସମସ୍ତ ଦିଗକୁ ନେଇ ଏୟାରଫିଲ୍ଡ ଥାନାର ସ୍ୱତନ୍ତ୍ର ଟିମ୍ ତଦନ୍ତ ଜାରି ରଖିଛି।

ପ୍ରିୟଙ୍କା, ତାଙ୍କ ସ୍ୱାମୀ ରାକେଶ ଏବଂ ଅଭିଯୁକ୍ତ ଜଗନ୍ନାଥଙ୍କ ଗ୍ରାମକୁ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍ ଯିବା ସହ ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ସବୁଠାରୁ ବଡ଼ କଥା ହେଉଛି ରିଙ୍କି ସମେତ ତାଙ୍କର ୩ବର୍ଷର ଶିଶୁଙ୍କୁ ହତ୍ୟା କରିବା ପାଇଁ କାହିଁକି ଯୋଜନା କରିଥିଲା ଏନେଇ ମଧ ପୋଲିସ ତନାଘନା ଚଳାଇଛି। ଅଭିଯୁକ୍ତ ଜଗନ୍ନାଥଙ୍କୁ ହସ୍ପିଟାଲରୁ ଡାକ୍ତର ଡିସ୍‌ଚାର୍ଜ କରିବା ପରେ ପୋଲିସ ପାଇଥିବା ସମସ୍ତ ତଥ୍ୟ ସମ୍ପର୍କରେ ତାଙ୍କୁ ପଚରାଉଚରା କରିବ। ତା'ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିସିପି ଉମା ଶଙ୍କର ଦାଶ କହିଛନ୍ତି। ଏଥିସହ ଫରେନ୍‌ସିକ ଲାବ୍‌କୁ ରକ୍ତ ଲାଗିଥିବା ଚିଠି ସହ ଅନ୍ୟାନ୍ୟ ଜବତ ସାମଗ୍ରୀ ପଠାଯାଇଛି। ପ୍ରିୟଙ୍କାଙ୍କ ବ୍ୟବଚ୍ଛେଦ ରିପୋର୍ଟ ମଧ ଅନେକ ଗୁରୁତ୍ୱ ବହନ କରୁଛି। ଯେଉଁଥିରୁ ପ୍ରିୟଙ୍କାଙ୍କୁ ପାଶବିକ ଅତ୍ୟାଚାର କରି ଅଭିଯୁକ୍ତ ଜଗନ୍ନାଥ ଛୁରିରେ ଗଳା କାଟି ହତ୍ୟା କରିଛନ୍ତି ନା ଶ୍ୱାସରୁଦ୍ଧ କରି ଅନ୍ୟ କୌଣସି ଉପାୟରେ ହତ୍ୟା କରିଛନ୍ତି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ସ୍ପଷ୍ଟ ହେବ। ଜଗନ୍ନାଥ ଓ ପ୍ରିୟଙ୍କାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିବାବେଳେ ହତ୍ୟା କରିବା ପାଇଁ କାହିଁକି ଯୋଜନା କଲେ। ଉଭୟଙ୍କ ଉପରେ କୌଣସି ବାହ୍ୟ ଚାପ ରହିଥିଲା କି ଏପରି ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରହିଛି। ବିବାହ ପୂର୍ବରୁ ପ୍ରିୟଙ୍କା ଏବଂ ଜଗନ୍ନାଥଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ହେଲେ ସେ କାହିଁକି ମାରିଲେ ସେନେଇ ଜାଣି ନ ଥିବା ଜଗନ୍ନାଥଙ୍କ ପରିବାର ଲୋକେ କହିଛନ୍ତି। ଜଗନ୍ନାଥ ସୁସ୍ଥ ହେବାପରେ ପୋଲିସ ତାଙ୍କୁ ଜେରା ନିମନ୍ତେ ସିନ୍ ରିକ୍ରିଏଶନ କରିବାକୁ ଯୋଜନା ରଖିଛି।

ପ୍ରକାଶ ଥାଉକି ଏୟାର ଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଅଞ୍ଚଳରେ ଗତ ସୋମବାର ସ୍ୱାମୀ ରାକେଶ ଘରେ ନ ଥିବାବେଳେ ପ୍ରିୟଙ୍କାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଜଗନ୍ନାଥ ଗଳାକାଟି ହତ୍ୟା କରିବାପରେ ନିଜେ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏପରି କି ଘଟଣା ସ୍ଥଳରେ ତଳେ ମରି ପଡ଼ିଥିବା ପ୍ରିୟଙ୍କାଙ୍କ ଫଟୋ ଉଠାଇ ରାକେଶଙ୍କୁ ହ୍ୱାଟ୍‌ସଆପ୍‌ରେ ପଠାଇଥିଲେ। ଏନେଇ ଖବର ପାଇ ପୋଲିସ ଘଟଣାସ୍ଥଳରୁ ପ୍ରିୟଙ୍କାଙ୍କ ମୃତଦେହ ଉଦ୍ଧାର କରିବା ସହ ଜଗନ୍ନାଥଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା।

### ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୭(ବ୍ୟୁରୋ)

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ବୁଧବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ବିଡିଏ କଲୋନୀ ଶ୍ରମିକ ବସ୍ତିରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ରାଜା ହେମ୍ବ୍ରମ(୨୪)। ଏ ନେଇ କେସ୍ ନଂ. ୩୧୧/୨୧ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବତୀଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରହୁଥିଲେ। ଏହି ସମୟରେ ରାଜାଙ୍କ ସହ ତାଙ୍କର ପରିଚୟ ସୃଷ୍ଟି ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ରାଜା ତାଙ୍କୁ ବିବାହ କରିବାକୁ କହି ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବଳାତ୍କାର ମଧ କରିଥିଲେ। ତେବେ ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ କହିବାରୁ ରାଜା ଅରାଜି ହୋଇଥିଲେ। ପରେ ତାଙ୍କୁ ୨ଲକ୍ଷ ଟଙ୍କା ଦେଲେ ବାହା ହେବେ ପାଇଁ ରାଜା କହିଥିଲେ। ଏନେଇ ଯୁବତୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ।

# ସୁବ୍ରତ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବିଦାୟୀକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସୁବ୍ରତ ମିଶ୍ର ଏବଂ ଅନ୍ୟମାନେ।

ଭୁବନେଶ୍ୱର,୭।୭

ବରିଷ୍ଠ ପ୍ରଶାସକ ତଥା ମହାରାଷ୍ଟ୍ରର ନାସିକ ଠାରେ ଅବସ୍ଥାପିତ ଆୟକର ପ୍ରଧାନ ମୁଖ୍ୟ ଆୟୁକ୍ତ ସୁବ୍ରତ ମିଶ୍ର ନିକଟରେ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱରର ଆୟକର ମୁଖ୍ୟାଳୟ ପକ୍ଷରୁ ସୁବ୍ରତ ମିଶ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବରିଷ୍ଠ ଆୟକର ମୁଖ୍ୟ ଆୟୁକ୍ତ ଆର୍ତ୍ତବନ୍ଧୁ ପାତ୍ର, ପ୍ରଦୋଷ ମହାନ୍ତି, ପ୍ରଣବ ଦାସ ଏବଂ ଶରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଓଡିଶା ଆୟକର ପ୍ରଧାନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଦେବେନ୍ଦ୍ର କର, ଧୀରେନ୍ଦ୍ର ମିଶ୍ର, ସସ୍ମିତା ମିଶ୍ର, ଅସିତ ମହାପାତ୍ର, ସରୋଜ ମହାପାତ୍ର ଏବଂ କେଶକାମାଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ସୁବ୍ରତ ମିଶ୍ରଙ୍କୁ ବିଦାୟୀ ସ୍ମାରକୀ ହିସାବରେ ସମସ୍ତଙ୍କ ପକ୍ଷରୁ ଏକ ସୁନ୍ଦର ପ୍ରତିମୂର୍ତ୍ତି ଉପଢୌକନ ଆକାରରେ ପ୍ରଦାନ କରାଯାଇଥିଲା। ଆୟକର ଆୟୁକ୍ତ ପ୍ରଶାସନ ସରୋଜ ମହାପାତ୍ରଙ୍କ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା।

# ବରିଷ୍ଠଙ୍କ ଅଭିଯୋଗ ଶୁଣି ସମସ୍ୟା ସମାଧାନ ନିର୍ଦ୍ଦେଶ ଦେଲେ ବିଧାୟକ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଜୟଦେବ ବିହାର ଓ ସାଲିଆସାହି ବରିଷ୍ଠ ନାଗରିକଙ୍କ ଅଭିଯୋଗକୁ ଆଧାରକରି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ବୁଧବାର ସ୍ଥାନୀୟ ଅଞ୍ଚଳ ଗସ୍ତ କରିଛନ୍ତି। ଏହି ଅବସରରେ ବିଧାୟକ ରାଉତ ୱାର୍ଡ ନମ୍ବର ୨୭ ଅନ୍ତର୍ଗତ ଶରଣାପଲ୍ଲୀ, ନୀଳଚକ୍ରନଗର ଏବଂ ହୋଟେଲ ମେ ଫେୟାର ଅଞ୍ଚଳରେ ଲାଗି ରହିଥିବା ଜଳବନ୍ଦୀ ସମସ୍ୟା, ଡ୍ରେନ୍ ନମ୍ବର ୪ର ସଫେଇ ଏବଂ ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତାର ମରାମତି ଉପରେ ବିଏମ୍‌ସିର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ଏହି ଅବସରରେ ପୂର୍ବତନ କର୍ପୋରେଟର ଝୁନାବାଲା ଦେଇଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ବିଏମ୍‌ସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସୁଶାନ୍ତ କୁମାର ରାଉତ ବରିଷ୍ଠ ନାଗରିକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଆକ୍ରମଣ ଭୟ: ଦୌଡ଼ିବାବେଳେ ଯାଇଥିଲା ଜୀବନ

ଭୁବନେଶ୍ୱର, ୭।୭(ବ୍ୟୁରୋ)

ଦୁଇମାସ ପୂର୍ବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ଯୁବକଙ୍କ ମୃତ୍ୟୁର କାରଣ ଏବେ ସ୍ପଷ୍ଟ ହୋଇଛି। କ୍ୟାପିଟାଲ୍ ଥାନା ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଯୁବକଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତି ଦର୍ଶାଇ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏୟାରପୋର୍ଟ ଥାନା ଅଧୀନ ଗଙ୍ଗନଗର ଅଞ୍ଚଳର ସତ୍ୟଜିତ୍ ପଟ୍ଟନାୟକ(୨୩)। ପୋଲିସ ତାଙ୍କଠାରୁ ଏକ ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଲୁହାରଡ୍ ଜବତ କରିଛି। ପୋଲିସ ଏନେଇ ମାମଲା (ନଂ. ୩୨୪/୨୧) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ସୁବାସ ନାୟକ(୪୨) ଭୁବନେଶ୍ୱର ବାପୁଜୀ ନଗରରେ ଥିବା ଏକ ହୋଟେଲରେ କାମ କରୁଥିଲେ। ସୁବାସ ଦୁର୍ଗାମଣ୍ଡପ ବସ୍ତିରେ ରହୁଥିବା ତାଙ୍କ ବନ୍ଧୁ ପ୍ରଶାନ୍ତ ମଙ୍ଗରାଜଙ୍କ ଘରକୁ ଯିବାଆସିବା କରନ୍ତି। ତେବେ କୌଣସି କାରଣକୁ ନେଇ ପ୍ରଶାନ୍ତ ଓ ସୁବାସ ମିଶି ଅଭିଯୁକ୍ତ ସତ୍ୟଜିତ୍‌ଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରଶାନ୍ତ ଓ ସୁବାସଙ୍କ ଉପରେ ଅଭିଯୁକ୍ତ ସତ୍ୟଜିତ୍ ରାଗ ରଖିଥିଲେ। ମେ ୨୪ରେ ସୁବାସ ସୂର୍ଯ୍ୟନଗର ଅଞ୍ଚଳରେ ଯାଉଥିବା ବେଳେ ସତ୍ୟଜିତ୍ ଓ ତାଙ୍କ ସାଙ୍ଗମାନେ ମିଳିମିଶି ତାଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ସେହି ସମୟରେ ସୁବାସ ଅଭିଯୁକ୍ତଙ୍କ କବଳରୁ ରକ୍ଷା ପାଇବା ପାଇଁ ଦୌଡ଼ି ପଳାଉଥିବାବେଳେ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଉଦ୍ଧାର କରିବା ସହ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲା।



ବାଇକ୍ ସହ ଗିରଫ ଅଭିଯୁକ୍ତ।

**ସିସିଟିଭିରୁ ମିଳିଲା ପ୍ରମାଣ, ଅଭିଯୁକ୍ତ ଗିରଫ**

## ତାରକସି କାମକୁ ଜିଆଇ ମାନ୍ୟତା ମିଳୁ

**କଟକ ଅଫିସ:** କଟକର ପ୍ରସିଦ୍ଧ ତାରକସି କାମ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ହେଲେ ଏ ପର୍ଯ୍ୟନ୍ତ ଏହି କାମକୁ ଜିଆଇ ମାନ୍ୟତା ନ ମିଳିବା ପରିତାପର ବିଷୟ। ଜିଆଇ ମାନ୍ୟତା ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ସୁପାରିସ କରିବା ସ୍ୱାଗତଯୋଗ୍ୟ। ତେଣୁ ବିଳମ୍ବ ନ କରି କେନ୍ଦ୍ର ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବି ରଞ୍ଜନ ସାହୁ ବୁଧବାର ପ୍ରେସ୍ ବିବୃତିରେ ଦାବି କରିଛନ୍ତି।

## ସଂକ୍ଷେପରେ

### ମାଲ୍‌ଗୋଦାମରେ କାର୍ଯ୍ୟରତ ଡ୍ରାଇଭର, ହେଲ୍‌ପରଙ୍କୁ ଟିକାକରଣ

**କଟକ ଅଫିସ, ୭।୭:** ଉତ୍କଳ ସେବକ ସମାଜ ପକ୍ଷରୁ ସିଏମ୍‌ସି ସହଯୋଗରେ ଶିଖରପୁରସ୍ଥିତ ନିୟୁ ମାଲଗୋଦାମ ଆଶ୍ରୟସ୍ଥଳୀ ପରିସରରେ ଟିକାକରଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମାଲ୍‌ଗୋଦାମରେ କାର୍ଯ୍ୟରତ ଡ୍ରାଇଭର, ହେଲ୍‌ପର, ଶ୍ରମିକ ଓ ସେମାନଙ୍କ ପରିବାରର ମୋଟ୍ ୨୦୦ ଜଣଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଟ୍ରକ ମାଲିକ ସଂଘ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସଙ୍ଗଠନ ନିର୍ଦ୍ଦେଶକ ଅନ୍ୱୟ ଅଭିନବ ଓ ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ।

### ଡ୍ରିମ୍‌ସରେ ଚାରାରୋପଣ

**କଟକ ଅଫିସ, ୭।୭:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ 'ଇକୋ କ୍ଲବ' ପକ୍ଷରୁ ବନ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରସ୍ଥ ବରୁଣ ମଣ୍ଡପଠାରେ ଚାରାରୋପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଡ୍ରିମ୍‌ସର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ସହ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ୍ରିମ୍ସ ଇଞ୍ଜିନିୟରିଂ କଲେଜ ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ନର୍ସିଂ କଲେଜ ଅଧକ୍ଷା ଡ. ପି. କଙ୍କନେଶ୍ୱରୀ, ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଅଧକ୍ଷ ଆଶିଷ ସ୍ୱାଇଁ, ଦିଲୀପ ମଲ୍ଲିକ, ଡ. ଅଜିତ୍ ମହାପାତ୍ର, ସିଡିସି ନିର୍ଦ୍ଦେଶକ ରମାକାନ୍ତ କାସ୍ତା, ପ୍ରାଧାପକ ଜିତେନ୍ଦ୍ରୁ ଶତପଥୀ, ଇଂ. ପ୍ରଦୀପ୍ତ ବଳ, ଇକୋ କ୍ଲବ ସଂଯୋଜକ ସୁଶାନ୍ତ ସେଠୀ ଯୋଗଦେଇଥିଲେ।

### ସଫେଇ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**କଟକ ଅଫିସ, ୭।୭:** କଟକ ମହାନଗର ନିଗମ(ସିଏମ୍‌ସି) ୧୩ ନମ୍ବର ଓ୍ୱାର୍ଡ ଅଧୀନ ଗଣେଶ ମନ୍ଦିର ପରିସରରେ ସଫେଇ କର୍ମଚାରୀଙ୍କୁ ବୁଧବାର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଯୋଗଦେଇ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ଦଳର କଟକ ମହାନଗର ସଭାପତି ମଧୁସୂଦନ ସାହୁ, ରଞ୍ଜନ ବିଶ୍ୱାଳ, ପଦ୍ମା ଭୂୟାଁ, ବିଶ୍ୱନାଥ ଦାସ, ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଚାରାରୋପଣ କଲେ କର୍କଟ ରୋଗୀ

**ଭୁବନେଶ୍ୱର, ୭।୭(ବ୍ୟୁରୋ):** କଟକ ଗୋଲ୍‌ଡେନ ଷ୍ଟାର ରୋଟାରୀ କ୍ଲବ, ଗୋଲଡେନ ଷ୍ଟାର ରୋଟାରାକ୍ଟ କ୍ଲବ, ସାତ୍ତ୍ୱିକ ସୋଲ୍ ଫାଉଣ୍ଡେଶନ, କାର୍ସିନୋଭା କ୍ୟାନସର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ନୂଆପାଟଣାସ୍ଥିତ କାର୍ସିନୋଭା କ୍ୟାନସର ହସ୍ପିଟାଲରେ ଡାକ୍ତର, କର୍କଟ ସଂଗ୍ରାମୀ ଓ ରୋଟାରିଆନମାନେ ଚାରାରୋପଣ କରିଥିଲେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ମନୋରଞ୍ଜନ ଆଚାର୍ଯ୍ୟ, ରୀତା ଦାସ, ଅଙ୍କୋଲୋଜିଷ୍ଟ ଡା. କ୍ଷୀତିଶ ମିଶ୍ର, କ୍ୟାନସର ସମ୍ପର୍କରେ କାମ କରୁଥିବା ସ୍ୱାଗତିକ ଆଚାର୍ଯ୍ୟ, ଡା. ପ୍ରଜ୍ଞା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟ୍ରୋଲ କିରୋସିନ ବ୍ୟାପକ କଳାବଜାର

**କଟକ ସଦର,୭।୭(ଡି.ଏନ୍.ଏ.)**

ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଟପିବା ପରେ କଟକ ସଦର ବ୍ଲକ ସମେତ ଜିଲାର ବହୁ ଅଞ୍ଚଳରେ କଣ୍ଟ୍ରୋଲ କିରୋସିନ ଚାହିଦା ହଠାତ୍ ବୃଦ୍ଧି ପାଇଛି। କାରଣ କିରୋସିନର ବ୍ୟାପକ କଳାବଜାର ହେଉଥିବା ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ପେଟ୍ରୋଲ, ଡିଜେଲରେ କିରୋସିନ ବ୍ୟାପକ ଭାବେ ଅପମିଶ୍ରଣ କରାଯାଉଥିବା ଜଣାପଡିଛି। କିରୋସିନ ଲିଟର ପିଛା ଦର ୩୯ ଟଙ୍କା ଥିବାବେଳେ ପେଟ୍ରୋଲ ୧୦୦ ଟଙ୍କା ଛୁଇଁଲାଣି। ରିଟେଲରଙ୍କଠାରୁ ଅପମିଶ୍ରଣକାରୀମାନେ ସିଧାସଳଖ କିରୋସିନ ନେବାରେ ସକ୍ଷମ ହେଉଛନ୍ତି। କାରଣ ପ୍ରତି ମାସରେ ଯୋଗାଣ ବିଭାଗ ଏକାଥରକେ ଗହମ, ଚାଉଳ ଓ କିରୋସିନ ବଣ୍ଟନ ପାଇଁ ଦେଉନାହିଁ। ଏକାଧିକ ଥର ଏହି ସବୁ ସାମଗ୍ରୀ ଦିଆଯାଉଥିବାରୁ ରିଟେଲରମାନେ କାର୍ଡଧାରୀଙ୍କର ତେଲକୁ ବାଟମାରଣା କରିବାରେ ସୁଯୋଗ ପାଉଛନ୍ତି।

କଟକ ଜିଲାର ୧୪ଟି ବ୍ଲକ ଓ ସହରାଞ୍ଚଳକୁ ମାସିକ ୪୨୫ କିଲୋଲିଟର କିରୋସିନ ଦିଆଯାଇଥାଏ। ପଏଣ୍ଟ ଅଫ୍ ସେଲ୍ ମେଶିନ୍‌ରେ ଥରେ ବାୟୋମେଟ୍ରିକ ଛାପ ଦେଲେ ୩ଟି ଯାକ ସାମଗ୍ରୀ ଉଠାଣ ହୋଇଛି ବୋଲି ଲୋକସେବା ଭବନରେ ଥିବା କମ୍ପ୍ୟୁଟରରେ ଦେଖାଯାଇଥାଏ। ତେଣୁ କାର୍ଡଧାରୀ ତେଲ କୋଟା ନ ନେଲେ ମଧ୍ୟ ପଏଣ୍ଟ ଅଫ୍ ସେଲ୍ ମେଶିନ୍‌ରେ ଉଠାଣ ହୋଇଛି ବୋଲି ଜଣାପଡେ। ଏହାଛଡା ମେଶିନ୍‌ରୁ ବାହାରୁଥିବା ମୁଦ୍ରିତ ରସିଦ୍‌ରେ ଚାଉଳ, ଗହମ ପରିମାଣ ସହ ଦର ୧ ଟଙ୍କା ବୋଲି ଲେଖାଥାଏ। କିରୋସିନର ପରିମାଣ ପ୍ରତିମାସରେ ବଦଳିବା ସହ ଦର କମ୍ ବେଶି ହୋଇଥିଲେ ମଧ୍ୟ ରସିଦ୍‌ରେ ଉଲ୍ଲେଖ ରହେନାହିଁ। ସରକାରୀ ସ୍ତରରେ କମ୍ପ୍ୟୁଟରରେ କିରୋସିନ ଦର ଲେଖାଯାଉ ନ ଥିବାରୁ ଜିଲା ଯୋଗାଣ ଅଧିକାରୀଙ୍କ କିଛି ଭୂମିକା ନାହିଁ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି। ଓ୍ୱାନ ନେଶନ ଓ୍ୱାନ୍ ରାଶନ ପ୍ରଚଳନ ହେବା ପୂର୍ବରୁ ଏକଥରକେ ୩ଟି ସାମଗ୍ରୀ ଯୋଗାଣ ସହ ଦର ଲେଖାଯିବା ପାଇଁ ସାଧାରଣରେ ଦାବି ହେଉଛି।



କଟକ ସିଡିଏ ସେକ୍ଟର-୧୧ସ୍ଥିତ ବୀରେନ୍ ମିତ୍ର ପାର୍କ ପରିସରରେ ବୁଧବାର ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଚାରାରୋପଣ କରୁଛନ୍ତି।

# ବସ୍ କର୍ମଚାରୀଙ୍କ ପାଇଁ ୫୦ ଲକ୍ଷର ଜୀବନ ବୀମା କରାଯାଉ




ସଭାରେ ସାମିଲ ହୋଇଥିବା କଟକ ମୋଟର କର୍ମଚାରୀ ୟୁନିୟନର ସଦସ୍ୟମାନେ।

**କଟକ ଅଫିସ, ୭।୭**

କରୋନା ମହାମାରୀ ଯୋଗୁ କଟକରେ ବସ ଚଳାଚଳ ବନ୍ଦ ରହିଛି। ଫଳରେ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପରମାନେ ରୋଜଗାର ହରାଇଛନ୍ତି। ଫଳରେ ଘରଭଡା ଦେବା, ପରିବାର ଚଳାଇବା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ତୁଲାଇବା ପାଇଁ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଏନେଇ ସ୍ଥାନୀୟ ପାଲାମଣ୍ଡପସ୍ଥିତ ପୁରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିସହ ବାଦାମବାଡି ଥାନା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବସ୍ କର୍ମଚାରୀଙ୍କୁ ୬ ମାସ ପାଇଁ ମାସକୁ ୭୫୦୦ ଟଙ୍କା ଲେଖାଏ ସାହାଯ୍ୟ ଦିଆଯାଉ, ସେମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ଜୀବନ ବୀମା କରାଯାଉ, ସେମାନଙ୍କ ପରିବାରକୁ ୬ ମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଚାଉଳ ଦିଆଯାଉ। ଏହି ସଭାରେ ୟୁନିୟନ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ସହସମ୍ପାଦକ ହୀରାଲାଲ ପଣ୍ଡା, କୋଷାଧକ୍ଷ ବିଭୂତି ଭୂଷଣ ରାଉତ, ଜଗନ୍ନାଥ ବେହେରା, ସୁରେଶ ଚନ୍ଦ୍ର ଦାସ, ଚକ୍ରବର୍ତ୍ତୀ ହୋତା ପ୍ରମୁଖ ଯୋଗ ଦେଇଥିଲେ।

# କେନାଲରୁ ମୃତଦେହ ଜବତ, ହତ୍ୟା ଅଭିଯୋଗ

**କଟକ ଅଫିସ, ୭।୭**

ଜଗତ୍‌ପୁର ଥାନା ଅଧୀନ ଭଏରପୁର ନିକଟ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଭଏରପୁର ଗ୍ରାମର ରମେଶ ଭୋଇ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ମାମଲା(୨୬୨/୨୧) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ରମେଶ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ସେ ମଙ୍ଗଳବାର ରାତି ପ୍ରାୟ ୨ଟାରେ ନିକଟସ୍ଥ କେନାଲକୁ ଶୌଚ ହେବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସକାଳେ ଉକ୍ତ କେନାଲରେ ତାଙ୍କ ମୃତଦେହ ପଡିଥିଲା। ତାଙ୍କ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିବାବେଳେ ମାଟିରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର କାରଣ ଜଣାପଡିବ। ଏନେଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।

# ଉତ୍ତରାଧିକାରୀ ପ୍ରମାଣପତ୍ରରୁ ଝିଅଙ୍କ ନାମ ବାଦ୍

**କଟକ ସଦର, ୭।୭ (ଡି.ଏନ.ଏ.)**

ମୃତ ବ୍ୟକ୍ତିଙ୍କ ନାମରେ ଥିବା ଭୂସମ୍ପତ୍ତିକୁ ବିକ୍ରି ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ଆବଶ୍ୟକ। ଏଥିରେ ମୃତ ବ୍ୟକ୍ତିଙ୍କର ସ୍ତ୍ରୀ, ଝିଅ, ପୁଅଙ୍କର ନାମ ଉଲ୍ଲେଖ ରହିଥାଏ। ମାତ୍ର କଟକ ସଦର ତହସିଲ ଅନ୍ତର୍ଗତ ୪୨ମୌଜା ଅଞ୍ଚଳରେ ଉତ୍ତରାଧିକାରୀ ପ୍ରମାଣପତ୍ରରେ ଝିଅଙ୍କର ନାମକୁ ବାଦ୍ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳର କେତେଜଣ ଉଚ୍ଚ ଶିକ୍ଷିତା

**ଉପଜିଲାପାଳଙ୍କ ନିକଟରେ ଅଭିଯୋଗ**

ଝିଅ କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସରକାରୀ ଚାକିରି କରି ପୈତୃକ ଘରଠାରୁ ଦୂରରେ ରହିଥିବାରୁ ଭାଇମାନେ ସେମାନଙ୍କ ନାମକୁ ଚଞ୍ଚକତା କରି କାଟି ଦେଉଛନ୍ତି। ଏହି କାମରେ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ସହିତ ସୁସମ୍ପର୍କ ରଖିଥିବା କେତେକ ବ୍ୟକ୍ତି ଏପଟସେପଟ କରିବାରେ ସହଯୋଗ କରୁଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ୧୯୭୫ରୁ ୪୨ ମୌଜାର ୩୪ଟି ରାଜସ୍ୱ ଗ୍ରାମରେ ଭୂବନ୍ଦୋବସ୍ତ ହୋଇନାହିଁ। ଜେଜେଙ୍କ ନାମରେ ଥିବା ଜମିକୁ ନାତୁଣୀ, ନାତି ଭୋଗ ଦଖଲ କରୁଛନ୍ତି। ଆର୍ଥିକ ସଙ୍କଟ ବେଳେ ଜମି ବିକ୍ରି କରିବା ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ନିବନ୍ଧକ ଖୋଜିଥାନ୍ତି। ଏ ସମ୍ପର୍କରେ ଉପଜିଲାପାଳ ବେଉରା କହିଛନ୍ତି, ରାଜସ୍ୱ ନିରୀକ୍ଷକମାନଙ୍କର ବୈଠକ ଡାକି ଆଲୋଚନା କରାଯିବ।

## ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ଅନାବରଣ

**ତିଗିରିଆ,୭।୭ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ପଞ୍ଚାଗାଁସ୍ଥିତ ତଳସାହି ବିଦ୍ୟାଳୟ ପରିସରରେ ବୁଧବାର ଶ୍ରମିକ ନେତା ସ୍ୱର୍ଗତ ଅକ୍ଷୟ ମଲ୍ଲିକଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ଅନାବରଣ କରିଛନ୍ତି। ଆୟୋଜିତ ଉତ୍ସବରେ ରାଜ୍ୟ ହିନ୍ଦ ମଜଦୁର ସଭା ରାଜ୍ୟ ଯୁବ ସଭାପତି ବିଜୟ ଭୂଷଣ ପତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହିନ୍ଦ ମଜଦୁର ସଭା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସ୍ୱର୍ଗତ ଅକ୍ଷୟ ଯୁବ ପିଢ଼ିଙ୍କ ପାଇଁ ଉଦାହରଣ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ବ୍ଲକ ଅଧକ୍ଷ ରୁପା ଦଳେଇ, ରଘୁନାଥ ଦାଶ, ପ୍ରଶାନ୍ତ ପଟ୍ଟନାୟକ, ବିରଜା କିଙ୍କର ନାୟକଙ୍କ ସମେତ ଶ୍ରମିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ

**କଟକ ଅଫିସ, ୭।୭**

କଟକ ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ମାମଲାରେ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ସାବିତ୍ରୀ ରଥଙ୍କ ମିଳିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଚାଲିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସହରର ରାସ୍ତାଘାଟ ଅବସ୍ଥା ତଦାରଖ ପାଇଁ ସିଏମ୍‌ସି ଏକ କୋଅର୍ଡିନେଶନ କମିଟି ଗଠନ କରିଥିଲା। ସହରର କେଉଁ ରାସ୍ତା କେବେଠାରୁ ଓ କାହା

**କଟକ ସହର ରାସ୍ତାଘାଟ ବିପର୍ଯ୍ୟସ୍ତ ମାମଲା**

ମାଧ୍ୟମରେ ମରାମତି ହେବ, ସେନେଇ ଉକ୍ତ କମିଟି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏନେଇ ସିଏମ୍‌ସି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, କଟକ ସହରର ରାସ୍ତାଘାଟର ଦୁରବସ୍ଥାକୁ ଉପଲକ୍ଷ କରି ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ।

# ୫ ବଖରା ଜଳିଗଲା: ମହିଳା ଆହତ

**କଣ୍ଟାପଡା, ୭।୭(ଡି.ଏନ.ଏ.)**

ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଗୋପାଳପୁର ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦିଗମ୍ବର ଭୋଇଙ୍କର ୫ ବଖରା ଜଳିଯାଇଛି। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଯାଇଥିବାବେଳେ ଦିଗମ୍ବରଙ୍କ ସ୍ତ୍ରୀ ଖୁଲଣା ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଅଡ଼ଶପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦିଗମ୍ବରଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ଦିଗମ୍ବର, ଖୁଲଣା ଓ ତାଙ୍କ ଝିଅପୁଅ ଗୁହାଳକୁ ଛେଳି ଫିଟାଇବା ପାଇଁ ଯାଇଥିଲେ। ସେହି ସମୟରେ ଚାଳରୁ ନିଆଁ ଖସି ଖୁଲଣାଙ୍କ ଉପରେ ପଡିଥିଲା। ଅଡଶପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ସ୍ଥାନୀୟ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ ଓ ସମିତିସଭ୍ୟ ଜ୍ଞାନପୂର୍ଣ୍ଣ ବେହେରା ପହଞ୍ଚି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୧୪ ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**କଣ୍ଟାପଡା, ୭।୭(ଡି.ଏନ.ଏ.)**

ନିଆଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ହାଇସ୍କୁଲରୁ ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୪ ଜଣ ଛାତ୍ରୀଛାତ୍ରଙ୍କୁ ବୁଧବାର ଅଡଶପୁରସ୍ଥିତ ଜୟଦେବ ସାଧନା ପୀଠରେ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ପାଣି, ପୀୟୂଷ ମିଶ୍ର, ବଳରାମ ପାତ୍ର, ସ୍ମିତାରାଣୀ ସ୍ୱାଇଁ, ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ମଲ୍ଲିକ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିମାନ ବିହାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**କଟକ ଅଫିସ/କଟକ ସଦର/ ସାଲେପୁର/ତିଗିରିଆ/ ବାଙ୍କୀ,୭।୭(ଡି.ଏନ.ଏ./ ସ୍ୱ.ପ୍ର.)**

ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ଦ୍ରବ୍ୟର ଆକାଶଛୁଆଁ ଦର ବୃଦ୍ଧି ପ୍ରତିବାଦରେ କଟକ ନଗର କଂଗ୍ରେସ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଦ୍ରବ୍ୟର ଦରବୃଦ୍ଧି ଘଟାଇ ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ଏଣୁ ଜନ ବିରୋଧୀ ସରକାରଙ୍କ ବିରୋଧରେ ଗଣ ଆନ୍ଦୋଳନ ଚଳାଇ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଦଳୀୟ ନେତା ନିକୁଞ୍ଜ ପଶାୟତ, ଜଗଦୀଶ ମହାନ୍ତି, ଶୈଳବାଳା ଜେନା, ହିମାଂଶୁ ରାଉତ, ଚାରୁଲତା ସାହୁ, ପ୍ରଦୀପ ପ୍ରଧାନ, ତୃପ୍ତି ଦାସ, ଗୌରୀ ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ସାମିଲ ହୋଇଥିଲେ।

କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ କୋଭିଡ୍ ପରିଚାଳନାରେ ବିଫଳତା, ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ନ ଦେବା ଓ ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ନେତୃମଣ୍ଡଳୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ସଭାପତି ପ୍ରତାପ ମଲ୍ଲିକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବିଧାୟକ ରବି ମଲ୍ଲିକ, ଅନିଲ ବେଉରା, ମାନସ ପ୍ରଧାନ, ପ୍ରିୟଜିତ୍ ରାୟ, ଅନ୍ନପୂର୍ଣ୍ଣା ସାହୁ, ଅଶୋକ ସ୍ୱାଇଁ, ପ୍ରଭାତ ଖଟୁଆ, ତ୍ରୈଲୋକ୍ୟ ଜେନା, ବୀରେନ୍ ପଶାୟତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

ସାଲେପୁର କଂଗ୍ରେସ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ସହ ପ୍ରତିବାଦ ସଭା କରାଯାଇଥିଲା। କଂଗ୍ରେସ ନେତା ଆକ୍ୟୁବ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

କାର୍ଯ୍ୟକ୍ରମକୁ ବ୍ଲକ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନ ସଂଯୋଜନା କରିଥିଲେ। ପ୍ରାରମ୍ଭରେ କଂଗ୍ରେସ କାର୍ଯ୍ୟାଳୟଠାରୁ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ବ୍ଲକ୍ କଂଗ୍ରେସ କମିଟି ସଭାପତି ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ରବୀନ୍ଦ୍ର ନାଥ କର, ହରେକୃଷ୍ଣ ବେହେରା, ଅଜିତ ପଣ୍ଡା, ସଂଖ୍ୟାଲଘୁ ସେଲ ସେକ୍ ଅନୱର୍ ଅଲ୍ଲୀ, ଶିବୁ ବେହେରା, ତ୍ରିଲୋଚନ ସ୍ୱାଇଁଙ୍କ ସମେତ ଦଳୀୟ କର୍ମୀମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସମାଲୋଚନା କରିଥିଲେ।

ତିଗିରିଆ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ଯୋଗଦେଇ କେନ୍ଦ୍ର ସରକାରଙ୍କ ତୈଳ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି ବିରୋଧରେ ପ୍ରତିବାଦ କରିଥିଲେ। ଏଥିରେ ମାହେବୁବ ଅହମ୍ମଦ ଖାଁ, ସରୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ବାଙ୍କୀଠାରେ ପ୍ରଦେଶ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିବାଦ ସଭା ଓ ବିକ୍ଷୋଭ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିଲା। ବାଙ୍କୀ କଂଗ୍ରେସ କମିଟି ସଭାପତି କାଶୀନାଥ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ଉପଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ମାଣିଆବନ୍ଧ ଗ୍ରାମକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**କଟକ ଅଫିସ, ୭।୭**

କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମାଣିଆବନ୍ଧର ବୟନ ଓ ହସ୍ତତନ୍ତ ଶିଳ୍ପ, ନରସିଂହପୁର ଅଞ୍ଚଳର ପର୍ଯ୍ୟଟନ ବିକାଶ ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ କହିଥିଲେ, ବଡମ୍ବା ଏବଂ ନରସିଂହପୁର ଅଞ୍ଚଳରେ ଅନେକ ପର୍ଯ୍ୟଟନସ୍ଥଳୀ ଓ ଐତିହାସିକ ସ୍ଥାନ ରହିଛି। ଏହି ଅଞ୍ଚଳରେ ଅଧିକ ସଂଖ୍ୟକ ବୁଣାକାର ଚରଖା ବ୍ୟବହାର କରି ହସ୍ତତନ୍ତ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେହିପରି ମାଣିଆବନ୍ଧ ବୁଦ୍ଧିଷ୍ଟ ହସ୍ତତନ୍ତ ଗ୍ରାମ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇଲେ ମାଣିଆବନ୍ଧ, ବଡମ୍ବା ଓ ନରସିଂହପୁର ଜନସାଧାରଣଙ୍କ ଜୀବନ ଜୀବିକାରେ ଉନ୍ନତି ଆସିବ ବୋଲି ବିଧାୟକ କହିଥିଲେ। ବୟନ ଶିଳ୍ପ ବିଭାଗରୁ ମିଳିଥିବା ୨ କୋଟି ୮୫ ଲକ୍ଷ ଅନୁଦାନର ବିସ୍ତୃତ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ଜିଲା ପ୍ରଶାସନକୁ ଚଳିତ ମାସ ଶେଷ ସୁଦ୍ଧା ଦେବାପାଇଁ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଆଶୁତୋଷ ମହାନ୍ତିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପ୍ରକଳ୍ପରେ ମାଣିଆବନ୍ଧଠାରେ ବୁଦ୍ଧ ଉପାସନା ଗୃହ, ବୌଦ୍ଧ ଧର୍ମ ସଂସ୍କୃତି, ପ୍ରାର୍ଥନା କକ୍ଷ, ହସ୍ତତନ୍ତ ଶିଳ୍ପ ସଂଗ୍ରହାଳୟ ଆଦି ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପି. ପ୍ରଭାକର ରାଓ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଜାତା ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

**ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗୋରୁ ମୃତ**

ଜଟଣୀ,(ଡି.ଏନ୍.ଏ.): ଜଟଣୀ ବ୍ଲକ୍ ଅନ୍ତର୍ଗତ କୁହା ଗ୍ରାମରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗୋରୁଙ୍କ ମୃତ୍ୟୁ ଘଟିଛି। ଏଥିରେ ଗୋଟିଏ ଗାଈ ଓ ବାଛୁରୀ ରହିଛନ୍ତି। ସୂଚନା ମୁତାବକ, ଧଉଳି ବିଦ୍ୟୁତ୍ ସେକ୍ସନ ଅଧୀନରେ କୁହା ଗ୍ରାମର ଏକ ବିଦ୍ୟୁତ୍ ସବ୍‌ଷ୍ଟେଶନ ରହିଛି। ବୁଧବାର ସକାଳେ ଗୋଟିଏ ଗାଈ ଓ ବାଛୁରୀ ଚରିବାକୁ ଯାଇଥିବା ବେଳେ ମୁକୁଳାଥିବା ଏହି ସବ୍‌ଷ୍ଟେସନ ମଧକୁ ପଶି ଯାଇଥିଲେ। ଚରିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେମାନଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### କେନାଲରୁ ମୃତଦେହ ଜବତ, ହତ୍ୟା ଅଭିଯୋଗ

**କଟକ ଅଫିସ, ୭।୭:** ଜଗତ୍‌ପୁର ଥାନା ଅଧୀନ ଭଏରପୁର ନିକଟ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଭଏରପୁର ଗ୍ରାମର ରମେଶ ଭୋଇ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ମାମଲା(୨୬୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ରମେଶ ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ସେ ମଙ୍ଗଳବାର ରାତି ପ୍ରାୟ ୨ଟାରେ ନିକଟସ୍ଥ କେନାଲକୁ ଶୌଚ ହେବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ବୁଧବାର ସକାଳେ ଉକ୍ତ କେନାଲରେ ତାଙ୍କ ମୃତଦେହ ପଡିଥିଲା। ତାଙ୍କ ମୁଣ୍ଡରେ ଗଭୀର କ୍ଷତଚିହ୍ନ ଥିବାବେଳେ ମାଟିରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର କାରଣ ଜଣାପଡିବ। ଏନେଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।

### ଓଡ଼ିଶା ଡ୍ରାଇଭର ମହାସଂଘର କୋଭିଡ୍ ସଚେତନତା

**ବୋଲଗଡ଼,୭।୭(ଡି.ଏନ୍.ଏ.):** ଓଡ଼ିଶା ଡ୍ରାଇଭର ମହାସଂଘ, ବୋଲଗଡ଼ ଶାଖା ପକ୍ଷରୁ ସୋମବାର କୋଭିଡ୍ ସଚେତନତା କରାଯିବା ସହ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ବୋଲଗଡ ବ୍ଲକ ସଦର ମହକୁମାସ୍ଥିତ ତହସିଲ ଛକ ଏବଂ ରାଜସୁନାଖଳାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ନିକଟରେ ମହାସଂଘର ଶତାଧିକ ସଦସ୍ୟ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ଯାନବାହନକୁ ଅଟକାଇ ସଚେତନ କରିବା ସହ ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ଓ ପାଣିବୋତଲ ପ୍ରଦାନ କରିଥିଲେ। ମହାସଂଘ ବୋଲଗଡ଼ ଶାଖା ସଭାପତି ସୁକାନ୍ତ ବେହେରା, ସମ୍ପାଦକ ଦୀପକ ଜେନା, ଅଶୋକ ସେଠୀ, ଭାସ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ରମାକାନ୍ତ ମହାପାତ୍ରଙ୍କ ସ୍ମୃତିସଭା

**ଜଟଣୀ,୭।୭(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଧୀନ ମା' ବାଟଭୁଆଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ରମାକାନ୍ତ ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓଗାଳପଡ଼ାସ୍ଥିତ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ, ସରପଞ୍ଚ ପ୍ରଦୋଷ ଜେନା, ସୁଶାନ୍ତ ରାଉତ, ବିଜୟ ପଣ୍ଡା, ସୁଶାନ୍ତ ସାମନ୍ତରାୟ, ସୁକାନ୍ତ ମହାରଣା, ସନ୍ତୋଷ ମହାପାତ୍ର, ମଙ୍ଗୁଲି ମହାପାତ୍ର, ଲୋହିତ ମହାପାତ୍ର, ମମତା ମହାରଣା, ମୋନାଲିସା ଜେନା, ବିରଜା ଶଙ୍କର ମହାପାତ୍ର, ଜଗବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ବସ୍ କର୍ମଚାରୀଙ୍କ ପାଇଁ ୫୦ ଲକ୍ଷର ଜୀବନ ବୀମା କରାଯାଉ

**କଟକ ଅଫିସ,୭।୭:** କରୋନା ମହାମାରୀ ଯୋଗୁ କଟକରେ ବସ ଚଳାଚଳ ବନ୍ଦ ରହିଛି। ଫଳରେ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପରମାନେ ରୋଜଗାର ହରାଇଛନ୍ତି। ଫଳରେ ଘରଭଡା ଦେବା, ପରିବାର ଚଳାଇବା ଓ ପିଲାଙ୍କ ପାଠପଢା ଖର୍ଚ୍ଚ ତୁଲାଇବା ପାଇଁ ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ଏନେଇ ସ୍ଥାନୀୟ ପାଲାମଣ୍ଡପସ୍ଥିତ ପୁରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କଟକ ମୋଟର କର୍ମଚାରୀ ୟୁନିୟନ ପକ୍ଷରୁ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିସହ ବାଦାମବାଡି ଥାନା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବସ୍ କର୍ମଚାରୀଙ୍କୁ ୬ ମାସ ପାଇଁ ମାସକୁ ୭୫୦୦ ଟଙ୍କା ଲେଖାଏ ସାହାଯ୍ୟ ଦିଆଯାଉ, ସେମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ଜୀବନ ବୀମା କରାଯାଉ, ସେମାନଙ୍କ ପରିବାରକୁ ୬ ମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଚାଉଳ ଦିଆଯାଉ। ଏହି ସଭାରେ ୟୁନିୟନ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ସହସମ୍ପାଦକ ହୀରାଲାଲ ପଣ୍ଡା, କୋଷାଧକ୍ଷ ବିଭୂତି ଭୂଷଣ ରାଉତ, ଜଗନ୍ନାଥ ବେହେରା, ସୁରେଶ ଚନ୍ଦ୍ର ଦାସ, ଚକ୍ରବର୍ତ୍ତୀ ହୋତା ପ୍ରମୁଖ ଯୋଗ ଦେଇଥିଲେ।

# ଦିନରେ ବ୍ଲୁ ପ୍ରିଣ୍ଟ, ରାତିରେ ଲୁଟ୍

**ଖୋର୍ଦ୍ଧା ଅଫିସ,୭।୭**



ପୋଲିସ ଅଧିକାରୀ ଘଟଣାସ୍ଥଳ ଅନୁଧ୍ୟାନ ସହ ସିସିଟିଭି ଯାଞ୍ଚ କରୁଛନ୍ତି।

- ପୋଲିସର ନିଷ୍କ୍ରିୟତା ଅଭିଯୋଗ
- ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଦାବି
- ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇଗଲେ

କରୋନା ସଂକ୍ରମଣ ପାଇଁ ଖୋର୍ଦ୍ଧା ଜିଲାରେ ଆଂଶିକ ଲକ୍‌ଡାଉନ, ନାଇଟ୍ କର୍ଫ୍ୟୁ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଲୁଟେରାମାନେ ସକ୍ରିୟ ହୋଇ ଉଠିଛନ୍ତି। ଜାତୀୟ ରାଜପଥ, ଦୋକାନ ଓ ଘରେ ପଶି ଲୁଟ୍ କରୁଛନ୍ତି। ଦିନରେ ବ୍ଲୁ ପ୍ରିଣ୍ଟ କରି ରାତିରେ ଡକାୟତି କରୁଛନ୍ତି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ନ ହେବାରୁ ଲୁଟେରାଙ୍କୁ ସୁହାଉଛି। ଏଥିପ୍ରତି ପୋଲିସ ବିଭାଗ ଦୃଷ୍ଟି ଦେବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି।

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୁରୁଜଙ୍ଗ ପତିତପାବନ ଛକରେ ଥିବା ପଟ୍ଟନାୟକ ଅଳଙ୍କାର ଦୋକାନର ଶଟର ତାଡ଼ି ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ଖବରପାଇ ବୁଧବାର ସଦର ଡିଏସ୍‌ପି ସୁଶିଲ ମିଶ୍ର, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ପହଞ୍ଚି ସିସିଟିଭି ଫୁଟେଜକୁ ଯାଞ୍ଚ କରିଛନ୍ତି। ସୂଚନା ମୁତାବକ, ଗୁରୁଜଙ୍ଗ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ପତିତପାବନ ଛକରେ ପଟ୍ଟନାୟକ ଜୁଏଲାରି ଦୋକାନ ରହିଛି। ଲକ୍‌ଡାଉନ ଯୋଗୁ ଦୋକାନ ବନ୍ଦ ରହୁଛି। ବୁଧବାର ସକାଳେ ସେ ସବୁଦିନ ପରି ଦୋକାନକୁ ଆସିଥିଲେ। ଦୋକାନ ଶଟର ତଡ଼ାଯାଇଥିବା ଏବଂ ସୁନା ଅଳଙ୍କାର ନ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଶ୍ୟାମସୁନ୍ଦରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୩/୨୧) ରୁଜୁ କରିଛି। ଥାନାଧିକାରୀ ପଟ୍ଟନାୟକ କହିଛନ୍ତି, ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଜଣେ ଦୁର୍ବୃତ୍ତ ବାହାରେ ଛିଡା ହୋଇଥିବା ବେଳେ ଅନ୍ୟ ଜଣେ ଦୋକାନରୁ ଚୋରି କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ସେହିପରି ନିକଟରେ ନୂଆବସ୍‌ଷ୍ଟାଣ୍ଡ ରୋଡରେ ଥିବା ଏକ ଜୁଏଲାରି ଦୋକାନରୁ ଦୁର୍ବୃତ୍ତମାନେ ବଲ୍‌ବ ଚୋରି କରୁଥିବା ନେଇ ସିସିଟିଭିରେ କଏଦ ହୋଇଛି। ରାତିରେ ଜଣେ ପ୍ରଥମେ ଦୋକାନ ଆଗରେ ଥିବା ବଲ୍‌ବକୁ ଚୋରି କରି ନେଉଛନ୍ତି। ପରେ ଅନ୍ଧାର ରାତିରେ ଚୋରି କରୁଛନ୍ତି। ସେହିପରି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଔଷଧ ଦୋକାନ ଶଟର ତାଡି ଦୁର୍ବୃତ୍ତମାନେ ଟଙ୍କା ନେଇଯାଇଥିଲେ। ଟିଏଲ୍‌ସି ଛକରେ ଥିବା ଏକ ଦୋକାନରୁ ବ୍ୟାଟେରି, ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଷ୍ଟେଟ ବ୍ୟାଙ୍କ ଛକରୁ ଏକ ମୋବାଇଲ ଦୋକାନରୁ ମୋବାଇଲ ଚୋରି ହୋଇଥିଲା। ଗତ ୪ ତାରିଖ ଅପରାହ୍ଣରେ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଜଣେ ଗ୍ରାହକଙ୍କ ବାଇକ୍ ଚୋରି ହୋଇଥିଲା। ଏହି ଘଟଣା ମଧ ସିସିଟିଭି ଫୁଟେଜ୍‌ରେ କଏଦ ହୋଇଛି। ନବୀନାବାଗ ସ୍ୱପ୍ନେଶ୍ୱର ମନ୍ଦିର ନିକଟ ତାରିଣୀ ମନ୍ଦିରରୁ ଦୁର୍ବୃତ୍ତମାନେ ମା'ଙ୍କ ରୁପାର କିରୀଟ, ସୁନା ଅଳଙ୍କାର ଲୁଟି ନେଇଛନ୍ତି। ମେ' ୨୯ ବିଳମ୍ବିତ ରାତିରେ ଠାକୁରପଡ଼ା ପ୍ରକାଶ ସାହୁଙ୍କ ଘରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି କରିନେଇଛନ୍ତି। ସମସ୍ତ ଘଟଣାରେ ଥାନାରେ ମାମଲା ରୁଜୁ ହୋଇଛି। ମାତ୍ର ପୋଲିସକୁ କୌଣସି ସଫଳତା ମିଳିନଥିବା ଜଣାପଡିଛି। ମେ' ୧୩ରେ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ କେହି ଦୁର୍ବୃତ୍ତ ହୁଣ୍ଡି ବାକ୍ସ ତାଡ଼ି ଲକ୍ଷାଧିକ ଟଙ୍କା ଚୋରି କରି ନେଇଯାଇଥିଲେ। ପୂର୍ବରୁ ଏହି ମନ୍ଦିରରୁ ୮ଥର ଅଷ୍ଟଧାତୁ ମୂର୍ତ୍ତି ଯଥା ଶ୍ରୀଦେବୀ, ଭୂଦେବୀ, ମଦନମୋହନ, ରାଧାରାଣୀ ଆଦି ମୂର୍ତ୍ତି ଚୋରି ହୋଇଥିଲେ ମଧ ଏଯାବତ୍ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତ, ପୂର୍ବରୁ ୨ଟି ବଡ଼ଧରଣର ଡକାୟତି ଉଦ୍ୟମ କରୁଥିବା ଗ୍ୟାଙ୍ଗକୁ ଧରାଯାଇଛି। ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଉଛି।

## ରଥଖଳାରୁ

### ସରିଲା ତିନି ରଥର ରଙ୍ଗ କାର୍ଯ୍ୟ

**ପୁରୀ ଅଫିସ, ୭।୭**

ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତିନିରଥର ତିନିଟି ଲେଖାଏ ଘୋଡା ଯୁଆଳି ନିର୍ମାଣ ଶେଷ ହେବା ସହ ରଥ ଉପରକୁ ସାରଥି ଏବଂ ଅନ୍ୟାନ୍ୟ ଜିନିସାତ ବୋହି ନେବାକୁ ଭୋଇ ସେବକଙ୍କ ପାଇଁ ଦୁଇଟି କାଠ ସାଙ୍ଗୀ ନିର୍ମାଣ ଶେଷ ହୋଇଛି। ଏଥିସହ ତିନିରଥର ଚତୁଃପାର୍ଶ୍ୱ ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ତେବେ ଗୁରୁବାର ରଥରେ କନା ପଡ଼ିବା ଆରମ୍ଭ ହେବ ବୋଲି ଦରଜୀ ସେବକ ସରଦାର ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହ ତିନିରଥର ଠେକେରା ବାଡ଼ରେ ସଖୀ ସ୍ଥାପନ ଶେଷ ହେବା ସହ ତିନିରଥ ବେଦି ସିଂହାସନ ଚାରିପଟେ ଗାଈ ଗୋଠ ଚିତ୍ର ଅଙ୍କନ ଶେଷ ହୋଇଛି। ଏଥିସହ ତିନି ରଥର ପ୍ରଭାରେ ମଧ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ ହୋଇଛି । କରତି ସେବକମାନେ ମୋଡ଼ ଦଉଡି ପାଇଁ ୩୮ ଗୋଟି ତାଳ ଫାଳି ଭୋଇ ସେବକମାନଙ୍କୁ ଯୋଗାଇ ଦେଇଛନ୍ତି। ତିନି ରଥର ଦରଜୀ ସେବକମାନେ କନକ ମୁଣ୍ଡି ଚାନ୍ଦୁଆ, ଉଡା ଚାନ୍ଦୁଆ ଏବଂ ସାରଥିଙ୍କ ପାଇଁ ପୋଷାକ ନିର୍ମାଣ ଶେଷ କରି ବିଜେ ଚକା ପାଇଁ ବନାରସୀ ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି ଏବଂ ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ ନିର୍ମାଣ ଚାଲୁ ରଖିଛନ୍ତି।


ନିର୍ମାଣାଧୀନ ରଥର ବ୍ରେକ୍‌କୁ ଜଣେ ଚିତ୍ରକର ରଙ୍ଗ ଦେଉଛନ୍ତି।


ତୈଳ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ଜଟଣୀ ବ୍ଲକ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀମାନେ ଘଣ୍ଟ ବଜାଇ ବିକ୍ଷୋଭ କରୁଛନ୍ତି।

### ତୈଳ ଦର ବୃଦ୍ଧିକୁ ବିରୋଧ

**ଜଟଣୀ,୭।୭(ଡି.ଏନ୍.ଏ.)**

ତୈଳ ଦର ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ଜଟଣୀ ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଘଣ୍ଟ ବଜାଯାଇ ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହିତ ଦରଦାମ ଯଦି କମ ନ ହୁଏ, ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଫଳକ ଭାଙ୍ଗି ପୋଷ୍ଟର ମାରିଲେ

**ଜଟଣୀ,୭।୭(ଡି.ଏନ୍.ଏ.)**



ଜଟଣୀ ଥାନାଛକରୁ ତିରିମଲ ରାସ୍ତାର ଉନ୍ନତୀକରଣ ପାଇଁ ଗତ ସୋମବାର ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୯ କୋଟି ୧୨ ଲକ୍ଷ ଟଙ୍କା ଅଟକଳରେ ୯.୬ କିଲୋମିଟର ରାସ୍ତା ନିର୍ମାଣ ହେବ। ତେବେ ଶୁଭ ଦିଆଯାଇଥିବା ଫଳକକୁ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏଥିସହ ଫଳକ ନିକଟରେ ଏକ ପୋଷ୍ଟର ମରାଯାଇଛି, ଯେଉଁଥିରେ 'ଜଟଣୀରେ କିଛି ନ କରି ଫଳକ ମାରୁଥିବାରୁ ଭଙ୍ଗାଗଲା' ଲେଖାଥିବା ଦେଖିବାକୁ ମିଳିଛି। ବିରୋଧୀ ବିଜେଡି ଓ ଭାଜପା ଦଳର ସ୍ଥାନୀୟ ନେତୃମଣ୍ଡଳୀଙ୍କ ପ୍ରରୋଚନାରେ ଏହି ଫଳକ ଭଙ୍ଗାଯାଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଉଛି। ଅନ୍ୟପଟେ କଂଗ୍ରେସର ଦଳୀୟ କନ୍ଦଳ ଏବଂ ଅସନ୍ତୁଷ୍ଟ ଗୋଷ୍ଠୀ ଏଭଳି କାର୍ଯ୍ୟ କରିଥାଇପାରନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଫଳକ ଭଙ୍ଗାକୁ ନେଇ ବିଧାୟକଙ୍କ ରାଜନୈତିକ ସଚିବ କଳିଙ୍ଗ କୁମାର ସାହୁ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

# ୭ବର୍ଷର ଶିଶୁକନ୍ୟାକୁ ନିର୍ଯାତନା

**ଭୁବନେଶ୍ୱର(ବ୍ୟୁରୋ)/ ପିପିଲି,(ସ୍ୱ.ପ୍ର.) ୭।୭**

- ବାପା, ସାବତ ମା' ଗରମପାଣି ଢାଳିବା ସହ ଶିକୁଳିରେ ବାନ୍ଧିଥିଲେ
- ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କଲା ଜନ୍ମଦାତ୍ରୀ ମା'

ମାତ୍ର ୭ବର୍ଷର ଶିଶୁଟିଏ। କିଏ ପର କିଏ ଆପଣାର ଜାଣେନାହିଁ। ହେଲେ ତା' ପ୍ରତି ବାପା ଓ ସାବତ ମା' ପାତରଅନ୍ତର ମନୋଭାବ ରଖି ନିଷ୍ଠୁର ହୋଇ ବର୍ବରତାର ସୀମା ଟପିଛନ୍ତି। ବାପା ଓ ସାବତ ମା' କୁନିଝିଅକୁ ସ୍କୁଲକୁ ନ ଛାଡ଼ି ଅମାନବୀୟ ଭାବେ ଶିକୁଳିରେ ବାନ୍ଧି ରଖିବା ସହ ନାନା ପ୍ରକାର ନିର୍ଯାତନା ଦେଉଥିଲେ। ଗରମ ପାଣିରେ ତା' ହାତ ବୁଡ଼ାଇଦେବା ସହ ମାଡ଼ ମାରୁଥିଲେ। ଏପରି କି, ଅନେକ ସମୟରେ ଖାଇବାକୁ ମଧ ଦେଉ ନ ଥିଲେ। ନିଜ ଜନ୍ମିତ ମା'କୁ ଝୁରି ହେଉଥିବାରୁ ଶିଶୁକନ୍ୟାଟି ଏଭଳି କଠୋର ଦଣ୍ଡ ପାଇଥିବା କୁହାଯାଉଛି। ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଧୀନ ବାରହଳ ଅଞ୍ଚଳରେ ଘଟିଥିବା ଏଭଳି ଦୁଃଖଦ ଘଟଣା ରାଜଧାନୀ ସମେତ ପିପିଲି ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନା ଯୋଗୁ ଗୁରୁତର ହୋଇପଡ଼ିଥିବା ସମ୍ପୃକ୍ତ ଶିଶୁକନ୍ୟାକୁ ବୁଧବାର ତା'ର ଜନ୍ମଦାତ୍ରୀ ମା' ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୩ରେ ବାରହଳ ଅଞ୍ଚଳର ବିଲାଲ ଖାନ୍ ପିପିଲି ଅଞ୍ଚଳର ରିଜୱାନା ପରୱିନଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଥିବାବେଳେ କିଛିବର୍ଷ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଏହା ପରେ ବିବାହ ବିଚ୍ଛେଦ ଯୋଗୁ ସେମାନେ ଅଲଗା ରହୁଥିଲେ। ପରୱିନ ଝିଅ ସହ ବାପଘରେ ଆସି ରହିଥିଲେ। ପରେ ବିଲାଲ ଦ୍ୱିତୀୟ ବିବାହ କରି ବାରହଳ ଅଞ୍ଚଳରେ ରହୁଥିଲେ। ୨୦୨୦ରେ ବିଲାଲ ଜୋରଜବରଦସ୍ତି ପରୱିନଙ୍କ ନିକଟରୁ ଝିଅକୁ ନେଇ ନିଜ ପାଖରେ ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଶିଶୁ କନ୍ୟାକୁ କୌଣସି କାରଣ ନେଇ ତା'ର ବାପା ଓ ସାବତ ମା' ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶିଶୁକନ୍ୟା ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବୁଧବାର ଖବରପାଇ ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ପରୱିନ ଝିଅକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଘଟଣା ସମ୍ପର୍କରେ ବାଲିପାଟଣା ଥାନା ଓ ଶିଶୁ କଲ୍ୟାଣ ବୋର୍ଡକୁ ଅବଗତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଲାଲ୍ ନିର୍ଯାତନା କଥାକୁ ଖଣ୍ଡନ କରିବା ସହ ଝିଅ ନିଜ ମା'କୁ ଝୁରି ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ଝିଅ ଏଣିକି ମୋ' ପାଖରେ ରହିବ ଏବଂ ଚିକିତ୍ସା ପାଇଁ ସେ ୩୦ ହଜାର ଟଙ୍କା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଚିକିତ୍ସା ପରେ ସେ ପୋଲିସର ଦ୍ୱାରସ୍ଥ ହେବେ ବୋଲି ଶିଶୁକନ୍ୟାର ଜନ୍ମଦାତ୍ରୀ ମା' କହିଛନ୍ତି।

### ମାଲୁଦରେ ବନ ମହୋତ୍ସବ

**କୃଷ୍ଣପ୍ରସାଦ,୭।୭(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ରବୀନ୍ଦ୍ରନାଥ ଦାସ, ପୂର୍ବତନ ବିଆରସିସି ପ୍ରବୀର ଚନ୍ଦ୍ର ଦାସ, ଶିକ୍ଷାବିତ୍ ପ୍ରଦୀପ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଞ୍ଜର ସସ୍ମିତା ଜେନା, ପିଚିଂଶାଳ ଫରେଷ୍ଟର ରଜନୀକାନ୍ତ ଲେଙ୍କା, ସୁରେନ୍ଦ୍ର ପଲେଇ, ଅନିଲ ସାହୁ, ସେକ୍ ବାବୁଜାନି, ହରିହର ସେଠୀ, ନବଘନ ଦାସ, ସୁବ୍ରତ ଜେନା, ବବି ଦାସ, ଶାନ୍ତି ଜେନା, ଅର୍ଜୁନ ଦାସ, ଶ୍ରୀକାନ୍ତ ଜେନା, ଗଣେଶ୍ୱର ସାହୁ ଉପସ୍ଥିତ ଥିଲେ। ସେହିପରି ମାଲୁଦ ଅଗ୍ନିଶମ ସେବାକେନ୍ଦ୍ରରେ ସୌମ୍ୟରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ୧୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ସୁବାସ ଚନ୍ଦ୍ର ଜେନା, ବିଜୟ ଦାସ, ବିଶ୍ୱରଞ୍ଜନ ରାଉତ ଉପସ୍ଥିତ ଥିଲେ।

### ବିବାହ ଉତ୍ସବରେ କୋଭିଡ୍ ନିୟମ ଉଲ୍ଲଂଘନ

**ଖୋର୍ଦ୍ଧା ଅଫିସ,୭।୭**

**୧୦ହଜାର ଟଙ୍କା ଜରିମାନା ଆଦାୟ**

ଖୋର୍ଦ୍ଧା ବ୍ଲକ ଉଇଲକିଶନ ନଗର ଗ୍ରାମର ଅଳେଇ ଠାକୁରାଣୀ ମନ୍ଦିରରେ ବୁଧବାର ଏକ ବିବାହ ଉତ୍ସବରେ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଆୟୋଜକ (କନ୍ୟା ପକ୍ଷ)ଙ୍କ ଠାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ମୁତାବକ, କରୋନା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ ଉତ୍ସବ ଉପରେ କଟକଣା ରହିଛି। ବିବାହ ଲାଗି ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିଥାଏ। କୋଭିଡ ନିୟମ ପ୍ରକାରେ ଉଭୟ ବର ଓ କନ୍ୟା ପକ୍ଷଙ୍କୁ ମିଶାଇ ୨୫ଜଣ ଯୋଗଦାନ କରିପାରିବେ। ବିବାହ ଉତ୍ସବରେ କୌଣସି ଭୋଜିଭାତର ଆୟୋଜନ ଉପରେ ମଧ କଟକଣା ରହିଛି। ଏହି ନିୟମ ଉଲ୍ଲଂଘନ କରି ବିବାହ ସମୟରେ ଭୋଜିଭାତର ଆୟୋଜନ ହୋଇଥିଲା। ଲୋକଙ୍କ ଗହଳି ଜମିଥିଲା। ଖବରପାଇ ତହସିଲଦାର ପଦ୍ମଚରଣ ସାହୁ ଓ ଟାଉନ ପୋଲିସ ଟିମ୍ ପହଞ୍ଚି ଥିଲେ। ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିବା ଦେଖି ଆୟୋଜକଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଭୋଜି ବନ୍ଦ କରିବାକୁ ତାଗିଦ୍ କରିଥିଲେ। ନିୟମ ଉଲ୍ଲଂଘନ କରିଥିବାରୁ ଜରିମାନା ଆଦାୟ କରାଯାଇଛି ବୋଲି ତହସିଲଦାର ସାହୁ କହିଛନ୍ତି।

### ବ୍ଲାଷ୍ଟିଂକୁ ଛାତ୍ରୀଛାତ୍ରଙ୍କ ବିରୋଧ

**ଟାଙ୍ଗୀ(ଖୋର୍ଦ୍ଧା),୭।୭(ଡି.ଏନ୍.ଏ.)**

ଟାଙ୍ଗୀ ତହସିଲ ଅନ୍ତର୍ଗତ ଆଡ଼ିଆପଡ଼ା ଗ୍ରାମ ନିକଟ ବୃଷବନ୍ଧ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂକୁ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏପରିକି ଗତ ମାସରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଟାଙ୍ଗୀ ତହସିଲଦାର ଓ ଆଇଆଇସି ପହଞ୍ଚି ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ନିଲାମଧାରୀମାନେ କେବଳ ପଥର ଖନନ କରିବେ, କିନ୍ତୁ ବ୍ଲାଷ୍ଟିଂ କରିପାରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲାଷ୍ଟିଂ କରିବାର କୌଣସି ଆଇନ ନାହିଁ। ଏହି ପ୍ରତିଶ୍ରୁତି ସତ୍ତ୍ୱେ ପଥର ଖନନ ପାଇଁ ବ୍ଲାଷ୍ଟିଂ କରାଯାଉଛି। ଫଳରେ ଘର ଭାଙ୍ଗିବା ସହ ଚାଷ ଜମି ନଷ୍ଟ ହେଉଛି। ପଥର ଖଣ୍ଡ ପଡ଼ି ଲୋକେ ଆହତ ହେଉଛନ୍ତି। ଏହାର ପ୍ରତିବାଦରେ ଆଡ଼ିଆପଡ଼ା ଗ୍ରାମର ଛାତ୍ରୀଛାତ୍ରମାନେ ପାହାଡ଼ ନିକଟରେ ପ୍ଲାକାର୍ଡ ଧରି ବେଆଇନ ବ୍ଲାଷ୍ଟିଂକୁ ରୋକାଯାଉ ବୋଲି ନାରା ଦେଇଥିଲେ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପାହାଡ଼ରେ ବ୍ଲାଷ୍ଟିଂ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।


ପାହାଡ଼ରେ ବେଆଇନ ବ୍ଲାଷ୍ଟିଂକୁ ଛାତ୍ରୀଛାତ୍ରମାନେ ବିରୋଧ କରୁଛନ୍ତି।

# ଜନସଂଖ୍ୟା ବୃଦ୍ଧି ମାନବ ସମ୍ବଳକୁ ପ୍ରଭାବିତ କରେ

**ଜିଲାରେ ଗଡ଼ିଲା ସଚେତନତା ରଥ**

**ଖୋର୍ଦ୍ଧା ଅଫିସ,୭।୭**

ଜନସଂଖ୍ୟା ସଚେତନତା ପକ୍ଷ ଜୁନ ୨୭ରୁ ଜୁଲାଇ ୧୦ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜନସଂଖ୍ୟା ସଚେତନତା ଉଦ୍ଦେଶ୍ୟରେ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ୧୦ଟି ରଥ ୧୦ଟି ବ୍ଲକରେ ପରିକ୍ରମା କରି ଲୋକଙ୍କୁ ଜନସଂଖ୍ୟା ସ୍ଥିରତା ସମ୍ପର୍କରେ ସଚେତନ କରିବ। ଅତିରିକ୍ତ ଜିଲାପାଳ କହିଥିଲେ ଯେ, ଦେଶର ଜନସଂଖ୍ୟା ୧୩୦ କୋଟି ରହିଛି। ବିଶ୍ୱରେ ଭାରତ ଦ୍ୱିତୀୟ ବୃହତ୍ ସ୍ଥାନରେ ରହିଛି। ଏପରି ବଢ଼ି ଚାଲିଲେ ଚାଇନାକୁ ମଧ ଟପିଯିବ। ଜନସଂଖ୍ୟା ବୃଦ୍ଧି ଘଟିଲେ ମାନବ ସମ୍ବଳ ଉପରେ ପ୍ରଭାବ ପଡ଼ିଥାଏ। ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଛୋଟ ପରିବାର ସୁଖୀ ପରିବାର। ଏ ଦିଗରେ ଲୋକଙ୍କୁ ସଚେତଦ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଚେତନତା ରଥ ଗାଁକୁ ଗାଁ ବୁଲିବ। ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି ପରିବାର ନିୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତବର୍ଷର ବାର୍ତ୍ତା ହେଉଛି, ପରିବାର ନିୟୋଜନ ଏକ ସାମାଜିକ ଦାୟିତ୍ୱ। ଜନସଚେତନତା ପକ୍ଷ ଓ ସ୍ଥିରତା ପକ୍ଷରେ ଲିଫ୍‌ଲେଟ, ପୋଷ୍ଟର, ବ୍ୟାନର, ହୋର୍ଡିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ଆଗକୁ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଯିବ। ସ୍ଥାୟୀ ପରିବାର ନିୟୋଜନ ପାଇଁ ସମ୍ପୃକ୍ତ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦିଆଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଅତିରିକ୍ତ ସିଡିଏମ୍‌ଓ ଦ୍ୱାରିକାନାଥ ଶତପଥୀ, ଡିପିଏମ୍ ଗୀତାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

## 'ମତ୍ସ୍ୟସେତୁ' ଆପ୍‌ର ଶୁଭାରମ୍ଭ

ପିପିଲି, (ସ୍ୱ.ପ୍ର.): କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ଓ ଗୋପାଳନ ମନ୍ତ୍ରୀ ଗିରିରାଜ ସିଂହ ମତ୍ସ୍ୟଚାଷୀଙ୍କ ନିମନ୍ତେ ଅନ୍‌ଲାଇନ ପାଠ୍ୟକ୍ରମ ' ମତ୍ସ୍ୟ ସେତୁ ' ମୋବାଇଲ ଆପ୍‌ର ଶୁଭାରମ୍ଭ କରିଛନ୍ତି । ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦଙ୍କ ଆର୍ଥିକ ସହାୟତାରେ ଏହି ଆପ୍‌କୁ ଭୁବନେଶ୍ୱରସ୍ଥିତ ଆଇସିଏଆର - କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା(ସିଫା) ବିକଶିତ କରିଛନ୍ତି। ଏହି ପାଠ୍ୟକ୍ରମଟିର ଉଦ୍ଦେଶ୍ୟ ହେଉଛି ମଧୁରଜଳର ଅଧୁନାତମ ବୈଷୟିକ ଜ୍ଞାନକୌଶଳକୁ ସାରା ଦେଶର ଜଳକୃଷି ଚାଷୀମାନଙ୍କୁ ଯୋଗାଇଦେବା। ଏହି ଲୋକାର୍ପଣ ଉତ୍ସବରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ସଚିବଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୭।୨୦୨୧
୨୩୯୩ ଟଙ୍କା

# କୋଭିଡ୍ ସ୍ଥିତି ଯାଞ୍ଚ କଲେ କେନ୍ଦ୍ରୀୟ ଟିମ୍

- ସଂକ୍ରମଣ ବଢ଼ିବା ସତ୍ତ୍ୱେ ସ୍ଥିତି ଠିକ୍ ଥିବା କହିଲେ
- ତଥ୍ୟ ଦେବାକୁ ପଛଘୁଞ୍ଚା

ପୁରୀ ଅଫିସ,୭।୭

ଜିଲାରେ କୋଭିଡ୍ ସଂକ୍ରମଣର ମାତ୍ରା କମୁ ନାହିଁ। ସଂକ୍ରମଣର ହାର କ୍ରମାଗତ ଭାବେ ଉପର ତଳ ହେଉଛି। ତେବେ ଏଭଳି ହେବା ପଛର କାରଣ କ'ଣ ତାହା ଖୋଜିବା ପାଇଁ କେନ୍ଦ୍ରୀୟ ଡାକ୍ତରୀ ଟିମ୍ ବୁଧବାର ପୁରୀରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଟିମ୍‌ରେ କଲିକତା ବିଶ୍ୱବିଦ୍ୟାଳୟର ଡ. ଶିବାନୀ ଦତ୍ତ ଓ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ର ପ୍ରଶାନ୍ତ ମହାପାତ୍ର ରହିଥିଲେ। ଟିମ୍ ସିଡିଏମ୍‌ଓଙ୍କୁ ଭେଟି ଜିଲାର କୋଭିଡ୍ ସ୍ଥିତି ସମ୍ପର୍କରେ ବିସ୍ତୃତ ଧାରଣା ନେଇଥିଲେ। ସିଡିଏମ୍‌ଓଙ୍କ ପକ୍ଷରୁ ପିପିଟି ମାଧ୍ୟମରେ କୋଭିଡ୍ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପିତ କରାଯାଇଥିଲା। ସଂକ୍ରମିତ ଓ ମୃତକଙ୍କ ଦୈନିକ ହାର, ଟେଷ୍ଟିଂ ସଂଖ୍ୟା ଓ କୋଭିଡ୍‌ର ପୁରୁଣା ରେକର୍ଡ ସମ୍ପର୍କିତ ବିବରଣୀ ଟିମ୍ ନିକଟରେ ଉପସ୍ଥାପିତ କରାଯାଇଥିଲା। ତେବେ ଟିମ୍ ଆଲୋଚନା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ମଧ୍ୟ ଜିଲାର କୋଭିଡ୍ ସ୍ଥିତି ଓ ସଂକ୍ରମଣର ସଂଖ୍ୟା ଉଲ୍ଲେଖନୀୟ ଭାବେ ନ କମିବାର କାରଣ ସମ୍ପର୍କରେ କହି ନ ଥିଲେ। କେଉଁ କେଉଁ ତଥ୍ୟ ଉପସ୍ଥାପିତ ହେଲା ସେ ସମ୍ପର୍କରେ କୌଣସି ସ୍ୱଷ୍ଟ ମତ ରଖି ନ ଥିଲେ। ଏ ନେଇ ଏମ୍‌ସର ପ୍ରଶାନ୍ତ ମହାପାତ୍ର କହିଛନ୍ତି, ଜିଲାରେ ସଂକ୍ରମଣ ସଂଖ୍ୟା ଧୀରେ ଧୀରେ କମୁଛି। ଯାହା ତଥ୍ୟ ଉପସ୍ଥାପିତ କରିଛନ୍ତି ତାହାକୁ ନେଇ ଟିମ୍ ସନ୍ତୁଷ୍ଟ ଅଛନ୍ତି। ତେବେ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶ କରାଯାଇପାରିବ ନାହିଁ। ଯାହା କହିବା କଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିବେ। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ମଧ୍ୟ ସମାନ ଆଇନରେ ଟିମ୍‌କୁ କେଉଁ ତଥ୍ୟ ଉପସ୍ଥାପନା କରାଗଲା ସେସମ୍ପର୍କରେ କହିବାକୁ ପଛଘୁଞ୍ଚା ଦେଇଥିଲେ। ଟିମ୍ ସହ ଆଲୋଚନା ପ୍ରସଙ୍ଗରେ ସେ କହିଥିଲେ, ପୁରୀରେ ଏବେ ୩୬ଶହରୁ ୩୭ଶହ ଟେଷ୍ଟିଂଦୈନିକ କରାଯାଉଛି। ତେବେ ସଂକ୍ରମଣ ଶହେ ତଳକୁ ଆଣିବାକୁ ପ୍ରୟାସ ଚାଲିଛି। ଡାକ୍ତରୀ ଟିମ୍ ସିଡିଏମ୍‌ଓଙ୍କ ସହ ଆଲୋଚନା ପରେ ପୁରୀ ଆଇଡିଏଚ୍ କୋଭିଡ୍ ହସ୍ପିଟାଲ୍‌ରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ପୁରୁଣା ରେକର୍ଡରେ କେତେ ଟେଷ୍ଟିଂ ହୋଇଛି ଓ କେତେ ମୃତ୍ୟୁ ହୋଇଛି ସେନେଇ ଡକ୍ୟୁମେଣ୍ଟ ଯାଞ୍ଚ ହୋଇଛି। ଜିଲାରେ ଡେଥ୍ ରିପୋର୍ଟିଂ କିଭଳି ହେଉଛି ତାହା ମଧ୍ୟ ସମୀକ୍ଷା ହୋଇଥିବା ନେଇ ସୂଚନା ରହିଛି।



ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଟିମ୍‌ର ଅଧିକାରୀମାନେ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ପିଲାମାନଙ୍କୁ ବୁଧବାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ସେବାୟତଙ୍କୁ ଚିହ୍ନଟ ପାଇଁ ବୈଠକ

**ପୁରୀ ଅଫିସ,୭।୭:** ଶ୍ରୀମନ୍ଦିର ପୋଲିସଙ୍କ ସହ ରଥଯାତ୍ରା ପରିଚାଳନା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ବୁଧବାର ଆଲୋଚନା କରିଛନ୍ତି। ସହରରେ ୧୪୪ ଧାରା ଲାଗୁ ହେବା ପରେ ନିର୍ଦ୍ଧାରିତ ବ୍ୟକ୍ତିମାନଙ୍କୁ ନବଦିନାତ୍ମକ ଯାତ୍ରା ପାଇଁ ଅନୁମତି ରହିଛି। ଏଭଳି ସ୍ଥିତି ଅନାଧିକାର ପ୍ରବେଶକୁ ରୋକିବାର ଆବଶ୍ୟକତା ଥିବା ହେତୁ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଶ୍ରୀମନ୍ଦିର ପୋଲିସ(ଜେଟିପି) ସହ ଏ ନେଇ ଆଲୋଚନା କରିଛନ୍ତି। ମୁଖ୍ୟତଃ ସେବାୟତମାନଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପୋଲିସର ପ୍ରମୁଖ ଭୂମିକା ରହିଛି। ଏଥିପାଇଁ କେତେଜଣ ନିର୍ଦ୍ଧାରିତ ଶ୍ରୀମନ୍ଦିର ପୋଲିସଙ୍କୁ ଦାୟିତ୍ୱ ଦେବା ପ୍ରସଙ୍ଗରେ ଜିଲାପାଳ କହିଛନ୍ତି। ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ପୁରୀ ପୋଲିସ ସହ ମିଳିତ ଭାବେ ଗଳିକନ୍ଦିରେ ରଖାଯିବ। ଏଭଳି କରିବା ଦ୍ୱାରା ଗଳିକନ୍ଦି ଦେଇ ଆସୁଥିବା ସେବାୟତଙ୍କୁ ଚିହ୍ନଟ କରିବା ସହାୟକ ହେବ। ଶ୍ରୀମନ୍ଦିର ପୋଲିସ ପ୍ରକୃତ ସେବାୟତଙ୍କୁ ଚିହ୍ନଟ କରିବେ, ଫଳରେ ଅନାଧିକାର ପ୍ରବେଶ ରୋକିହେବ। ତେବେ ନୀତିକାନ୍ତିରେ ଶ୍ରୀମନ୍ଦିର ପୋଲିସଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ହେତୁ ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଶ୍ରୀମନ୍ଦିର ପୋଲିସ ସଜାଗ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି ଜିଲାପାଳ ମତ ରଖିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ, ଉନ୍ନୟନ ପ୍ରଶାସକ, ଅତିରିକ୍ତ ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

### ଶଙ୍କରାଚାର୍ଯ୍ୟଙ୍କ ଜନ୍ମଦିନକୁ ରାଷ୍ଟ୍ରୋତ୍କର୍ଷ ଦିବସ ଭାବେ ପାଳିତ

**ପୁରୀ ଅଫିସ ୭।୭:** ଆଷାଢ଼ କୃଷ୍ଣ ତ୍ରୟୋଦଶୀ ବୁଧବାର ଅବସରରେ ପରମ ପୂଜ୍ୟ ପୁରୀ ପୀଠାଧୀଶ୍ୱର ୧୪୫ତମ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଜନ୍ମଦିନକୁ ରାଷ୍ଟ୍ରୋତ୍କର୍ଷ ଦିବସ ଭାବେ ଗୋବର୍ଦ୍ଧନ ପୀଠରେ ପାଳିତ ହୋଇଯାଇଛି। ପୂଜ୍ୟ ଜଗଦଗୁରୁଙ୍କ ୭୯ତମ ପ୍ରାକଟ୍ୟ ଦିବସ ଅବସରରେ ଗୋବର୍ଦ୍ଧନ ପୀଠର ଅନ୍ତେବାସୀ ଓ ମୁକ୍ତି ମଣ୍ଡପ ପଣ୍ଡିତମାନଙ୍କ ଦ୍ୱାରା ପ୍ରାତଃ ରୁଦ୍ରାଭିଷେକ, ବୃକ୍ଷରୋପଣ ପରେ ଏକ ଅନୁଭବ ବ୍ୟାଖ୍ୟାନ ଗୋଷ୍ଠୀ ଆୟୋଜନ କରାଯାଇଥିଲା। ବୁଦ୍ଧିଜୀବୀ, ଭକ୍ତବୃନ୍ଦ, ଆଦିତ୍ୟବାହିନୀ, ଆନନ୍ଦ ବାହିନୀ ଓ ପୀଠ ପରିଷଦର ପ୍ରତିନିଧିମାନେ ଗୁରୁଦେବଙ୍କ ସହ ନିଜ ଜୀବନର ଅଲୌକିକ ଅନୁଭବ ବଖାଣିଥିଲେ। ପ୍ରାକଟ୍ୟ ଦିବସ ସନ୍ଧ୍ୟାରେ ବିଷ୍ଣୁ ସହସ୍ରନାମ ସ୍ତୋତ୍ର ପାଠ, ଜଗତର କଲ୍ୟାଣ ବ୍ୟାଧି ନିବାରଣ ମନ୍ତ୍ର ପାଠ କରାଯାଇ ଅତି ନିରାଡ଼ମ୍ବର ଭାବେ କରୋନା କଟକଣାକୁ ସମ୍ମାନ ଦେଇ ସାମାଜିକ ଦୂରତ୍ୱ ସହିତ ରାଷ୍ଟ୍ରୋତ୍କର୍ଷ ଦିବସ ପାଳନ କରାଯାଇଥିଲା। ଏହି ଉତ୍ସବକୁ ପରିଚାଳନା କରିଥିଲେ ଆଦିତ୍ୟ ତ୍ରିପାଠୀ, ସୁୟସ ବ୍ରହ୍ମଚାରୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ମୁକ୍ତି ମଣ୍ଡପ ପଣ୍ଡିତ ସଭାର ଉପାଧ୍ୟକ୍ଷ ପଣ୍ଡିତ ବିଶ୍ୱନାଥ ମିଶ୍ର, ଆଚାର୍ଯ୍ୟ ଗୋପାଳ ମହାପାତ୍ର, ଆଚାର୍ଯ୍ୟ ବିଜୟ୍ ଦାଶ, ଆଦିତ୍ୟ ବାହିନୀର ଅଜୟ୍ ଗୋଛିକାର, ସୁଧାଂଶୁ ଶେଖର ମହାନ୍ତି, ମାଗୁଣି ସାହୁ, ଦେବାଶିଷ ମିଶ୍ର, ରବିନାରାୟଣ ପଣ୍ଡା, ଗଣେଶ୍ୱର ମହାସୁଆର, ଆନନ୍ଦ ବାହିନୀର ଚିନ୍ମୟୀ ଓ ଅନୁରାଧା ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ନିମୋନିଆ ଇଞ୍ଜେକ୍ସନର ଶୁଭାରମ୍ଭ

**ଗୋପ,୭।୭(ଡି.ଏନ୍.ଏ.):** ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ନିମୋନିଆ ଇଞ୍ଜେକ୍ସନର ଶୁଭାରମ୍ଭ କରିଛନ୍ତି। ପ୍ରଥମ କରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଭୋଗପଡା ଗ୍ରାମର ମୋନାଲିସା ହାତିଙ୍କ ଶିଶୁକନ୍ୟାକୁ ଏହି ଇଞ୍ଜେକ୍ସନ ଦିଆଯାଇଥିଲା। ପରେ ମନ୍ତ୍ରୀ ଦାଶ ଆମେରିକାନ ଫାଉଣ୍ଡେଶନ ତରଫରୁ ଆସିଥିବା ୨ଟି ଅକ୍ସିଜେନ ମେଶିନକୁ ରୋଗୀଙ୍କ ପାଇଁ ଉତ୍ସର୍ଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ, ଡ. ଗୋପବନ୍ଧୁ ପଟ୍ଟନାୟକ, ଡ. ଯସ୍ମିନ ଆଫ୍ରୋଜ, ବିଡିଓ ଦୀପ୍ତି ରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ

### ସରିଲା ତିନି ରଥର ରଙ୍ଗ କାର୍ଯ୍ୟ

ପୁରୀ ଅଫିସ, ୭।୭

ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତିନିରଥର ତିନିଟି ଲେଖାଏ ଘୋଡା ଯୁଆଳି ନିର୍ମାଣ ଶେଷ ହେବା ସହ ରଥ ଉପରକୁ ସାରଥି ଏବଂ ଅନ୍ୟାନ୍ୟ ଜିନିସାତ ବୋହି ନେବାକୁ ଭୋଇ ସେବକଙ୍କ ପାଇଁ ଦୁଇଟି କାଠ ସାଙ୍ଗୀ ନିର୍ମାଣ ଶେଷ ହୋଇଛି। ଏଥିସହ ତିନିରଥର ଚତୁଃପାର୍ଶ୍ୱ ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ତେବେ ଗୁରୁବାର ରଥରେ କନା ପଡ଼ିବା ଆରମ୍ଭ ହେବ ବୋଲି ଦରଜୀ ସେବକ ସରଦାର ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହ ତିନିରଥର ଠେକେରା ବାଡ଼ରେ ସଖୀ ସ୍ଥାପନ ଶେଷ ହେବା ସହ ତିନିରଥ ବେଦି ସିଂହାସନ ଚାରିପଟେ ଗାଈ ଗୋଠ ଚିତ୍ର ଅଙ୍କନ ଶେଷ ହୋଇଛି। ଏଥିସହ ତିନି ରଥର ପ୍ରଭାରେ ମଧ୍ୟ ରଙ୍ଗ ଚିତ୍ର କାର୍ଯ୍ୟ ଶେଷ ହୋଇଛି । କରତି ସେବକମାନେ ମୋଡ଼ ଦଉଡି ପାଇଁ ୩୮ଗୋଟି ତାଳ ଫାଳି ଭୋଇ ସେବକମାନଙ୍କୁ ଯୋଗାଇ ଦେଇଛନ୍ତି। ତିନି ରଥର ଦରଜୀ ସେବକମାନେ କନକ ମୁଣ୍ଡି ଚାନ୍ଦୁଆ, ଉଡା ଚାନ୍ଦୁଆ ଏବଂ ସାରଥିଙ୍କ ପାଇଁ ପୋଷାକ ନିର୍ମାଣ ଶେଷ କରି ବିଜେ ଚକା ପାଇଁ ବନାରସୀ ଜରି କନା ଖୋଳ ଏବଂ ଠାକୁରଙ୍କ ପିଠି ଏବଂ ମସ୍ତକ ପଶ୍ଚାତ ଭାଗ ପାଇଁ ଅପସର ତକିଆ ନିର୍ମାଣ ଚାଲୁ ରଖିଛନ୍ତି।



ନିର୍ମାଣାଧୀନ ରଥର ବ୍ରେକ୍‌କୁ ଚିତ୍ରକର ରଙ୍ଗ କରୁଛନ୍ତି।

## ରଥଯାତ୍ରା ପାଇଁ ଦାୟିତ୍ୱ ବାଣ୍ଟିଲେ ଜିଲାପାଳ

ପୁରୀ ଅଫିସ,୭।୭

ଚଳିତବର୍ଷ ରଥଯାତ୍ରା ପାଇଁ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ରଥଯାତ୍ରା ସହ ସଂଶ୍ଳିଷ୍ଟ ସମସ୍ତ କରୋନା ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଏଥିପାଇଁ ସିଡିଏମଓ ଆନୁଷଙ୍ଗିକ ବ୍ୟବସ୍ଥା କରିବେ। ବଡ଼ଦାଣ୍ଡର ୫ଟି ସ୍ଥାନରେ ଆଶୁ ଚିକିତ୍ସା କେନ୍ଦ୍ର ଓ ଆବଶ୍ୟକୀୟ ଆମ୍ବୁଲାନ୍ସର ବ୍ୟବସ୍ଥା ହେବ। ବଡ଼ଦାଣ୍ଡରେ ୧୨୦ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ କାର୍ଯ୍ୟକ୍ଷମ ରହିଛି। ଖରା ପ୍ରକୋପରୁ ରକ୍ଷା ପାଇବା ପାଇଁ ଜଳ ସିଞ୍ଚନ, ପାନୀୟ ଜଳର ବ୍ୟବସ୍ଥା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ଦାଣ୍ଡର ୧୦ଟି ସ୍ଥାନରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରତିଷ୍ଠା କରାଯିବ। ବଡ଼ଦାଣ୍ଡ ସହ ସଂଶ୍ଳିଷ୍ଟ ୭୨ଟି ଗଳିରେ ସଫେଇ କାର୍ଯ୍ୟ ହେବ। ରଥ ନିକଟରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି। ବୈଠକରେ ଉପସ୍ଥିତ ଥିବା ଉପ ଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିନୟ କୁମାର ସାହୁ, ସୁବାସଚନ୍ଦ୍ର ନାଥଶର୍ମା, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସରୋଜ ମିଶ୍ରଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଦାୟିତ୍ୱ ବଣ୍ଟାଯାଇଛି।

# ୭ବର୍ଷର ଶିଶୁକନ୍ୟାକୁ ନିର୍ଯାତନା

- ବାପା, ସାବତ ମା' ଗରମ ପାଣି ଢାଳିବା ସହ ଶିକୁଳିରେ ବାନ୍ଧିଥିଲେ
- ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କଲା ଜନ୍ମଦାତ୍ରୀ ମା'

ଭୁବନେଶ୍ୱର,(ବ୍ୟୁରୋ)/ପିପିଲି, (ସ୍ୱ.ପ୍ର.) ୭।୭

ମାତ୍ର ୭ବର୍ଷର ଶିଶୁଟିଏ। କିଏ ପର କିଏ ଆପଣାର ଜାଣେନାହିଁ। ହେଲେ ତା' ପ୍ରତି ବାପା ଓ ସାବତ ମା' ପାତରଅନ୍ତର ମନୋଭାବ ରଖି ନିଷ୍ଠୁର ହୋଇ ବର୍ବରତାର ସୀମା ଟପିଛନ୍ତି। ବାପା ଓ ସାବତ ମା' କୁନିଝିଅକୁ ସ୍କୁଲକୁ ନ ଛାଡ଼ି ଅମାନବୀୟ ଭାବେ ଶିକୁଳିରେ ବାନ୍ଧି ରଖିବା ସହ ନାନା ପ୍ରକାର ନିର୍ଯାତନା ଦେଉଥିଲେ। ଗରମ ପାଣିରେ ତା' ହାତ ବୁଡ଼ାଇଦେବା ସହ ମାଡ଼ ମାରୁଥିଲେ। ଏପରି କି, ଅନେକ ସମୟରେ ଖାଇବାକୁ ମଧ୍ୟ ଦେଉ ନ ଥିଲେ। ନିଜ ଜନ୍ମିତ ମା'କୁ ଝୁରି ହେଉଥିବାରୁ ଶିଶୁକନ୍ୟାଟି ଏଭଳି କଠୋର ଦଣ୍ଡ ପାଇଥିବା କୁହାଯାଉଛି। ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଧୀନ ବାରହଳ ଅଞ୍ଚଳରେ ଘଟିଥିବା ଏଭଳି ଦୁଃଖଦ ଘଟଣା ରାଜଧାନୀ ସମେତ ପିପିଲି ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିର୍ଯାତନା ଯୋଗୁ ଗୁରୁତର ହୋଇପଡ଼ିଥିବା ସମ୍ପୃକ୍ତ ଶିଶୁକନ୍ୟାକୁ ବୁଧବାର ତା'ର ଜନ୍ମଦାତ୍ରୀ ମା' ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ୨୦୧୩ରେ ବାରହଳ ଅଞ୍ଚଳର ବିଲାଲ ଖାନ୍ ପିପିଲି ଅଞ୍ଚଳର ରିଜୱାନା ପରୱିନଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଥିବାବେଳେ କିଛିବର୍ଷ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଏହା ପରେ ବିବାହ ବିଚ୍ଛେଦ ଯୋଗୁ ସେମାନେ ଅଲଗା ରହୁଥିଲେ। ପରୱିନ ଝିଅ ସହ ବାପଘରେ ଆସି ରହିଥିଲେ। ପରେ ବିଲାଲ ଦ୍ୱିତୀୟ ବିବାହ କରି ବାରହଳ ଅଞ୍ଚଳରେ ରହୁଥିଲେ। ୨୦୨୦ରେ ବିଲାଲ ଜୋରଜବରଦସ୍ତି ପରୱିନଙ୍କ ନିକଟରୁ ଝିଅକୁ ନେଇ ନିଜ ପାଖରେ ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଶିଶୁ କନ୍ୟାକୁ କୌଣସି କାରଣ ନେଇ ତା'ର ବାପା ଓ ସାବତ ମା' ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଶିଶୁକନ୍ୟା ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ବୁଧବାର ଖବରପାଇ ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ପରୱିନ ଝିଅକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଘଟଣା ସମ୍ପର୍କରେ ବାଲିପାଟଣା ଥାନା ଓ ଶିଶୁ କଲ୍ୟାଣ ବୋର୍ଡକୁ ଅବଗତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଲାଲ୍ ନିର୍ଯାତନା କଥାକୁ ଖଣ୍ଡନ କରିବା ସହ ଝିଅ ନିଜ ମା'କୁ ଝୁରି ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ଝିଅ ଏଣିକି ମୋ' ପାଖରେ ରହିବ ଏବଂ ଚିକିତ୍ସା ପାଇଁ ସେ ୩୦ ହଜାର ଟଙ୍କା ଦେଇଥିବା ପ୍ରକାଶ କରିଛନ୍ତି। ତେବେ ଚିକିତ୍ସା ପରେ ସେ ପୋଲିସର ଦ୍ୱାରସ୍ଥ ହେବେ ବୋଲି ଶିଶୁକନ୍ୟାର ଜନ୍ମଦାତ୍ରୀ ମା' କହିଛନ୍ତି।

## ଅଫ୍‌ଲାଇନ, ଅନ୍‌ଲାଇନ ଟିକାକୁ ନେଇ ଦ୍ୱନ୍ଦ୍ୱ

କାକଟପୁର,୭।୭ (ଡି.ଏନ୍.ଏ.)

କରୋନାକୁ ପ୍ରତିହିତ କରିବା ପାଇଁ ରାଜ୍ୟରେ ଟିକାକରଣ ପ୍ରକ୍ରିୟା ଚାଲିଛି। ହେଲେ ଅଧିକାଂଶ ଅଞ୍ଚଳରେ ଅଫ୍‌ଲାଇନ ଓ ଅନ୍‌ଲାଇନ ଟିକା ଦେବାକୁ ନେଇ ଦ୍ୱନ୍ଦ୍ୱ ରହୁଛି। ଫଳରେ ଟିକାକେନ୍ଦ୍ରଗୁଡ଼ିକରେ ଅଯଥା ଭିଡ଼ ହେବା ସହ ଅଧିକାଂଶ ଟିକା ନ ପାଇ ଅସନ୍ତୋଷ ପ୍ରକାଶ କରି ଫେରୁଛନ୍ତି। ଏଭଳି ଅବସ୍ଥା ପୁରୀ ଜିଲା କାକଟପୁର ଅଞ୍ଚଳରେ ଗତ କିଛିଦିନ ହେବ ଦେଖିବାକୁ ମିଳିଛି। ଗତ ଶନିବାର ପର୍ଯ୍ୟନ୍ତ ବିନା ବୁକିଂରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଦ୍ୱିତୀୟ ଡୋଜ ଟିକା ଦିଆଯାଉଥିଲା। ଅଥଚ ରବିବାର ପୁଣି ଲୋକେ ଟିକା ପାଇଁ ଯିବାବେଳେ କେନ୍ଦ୍ରରେ ଥିବା କର୍ମଚାରୀମାନେ ମନା କରିଥିଲେ। ଫଳରେ ସେଠାରେ ହୋହଲ୍ଲା କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସେମାନେ ଆଧାର ଜମାକରି ପ୍ରଥମ ଟିକା ନେଇଥିଲେ, ୮୪ ଦିନ ହେବା ପରେ ଟିକା ପାଇଁ ଯିବାବେଳେ ବୁକିଂ କଥା କହିଥିଲେ। ଗ୍ରାମର ଶ୍ରମିକ, ବୃଦ୍ଧାବୃଦ୍ଧ ବୁକିଂ କଥା ଜାଣିପାରୁ ନ ଥିବାବେଳେ ଏବେ ଟିକା ନେବାରେ ହଇରାଣ ହେଉଛନ୍ତି। ତେଣୁ ଏଭଳି ସମସ୍ୟାକୁ ଜିଲାପାଳ ଯଥାଶୀଘ୍ର ସମାଧାନ କରିବା ସହ ସମସ୍ତଙ୍କୁ ଟିକା ଦିଆଯାଉ ବୋଲି କାକଟପୁର ଅଞ୍ଚଳର ସାମାଜିକ କର୍ମୀ ଘନଶ୍ୟାମ କାଣ୍ଡି ଦାବି କରିଛନ୍ତି।

## ସିପିଆଇଏମ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ,୭।୭

ପୁରୀର ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମକୁ କେତେଜଣ ଅସାଧୁ ବ୍ୟକ୍ତି ପ୍ଲଟିଂ କରି ନେଇଯିବାକୁ ଚକ୍ରାନ୍ତ କରୁଥିବା ଅଭିଯୋଗ କରି ବୁଧବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ (ସିପିଆଇଏମ୍) ପୁରୀ ଶାଖା ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିସହ ଦଳ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ପୁରୀରେ ଅବହେଳିତ, ନିର୍ଯାତିତ, ଗରିବ ମହିଳାଙ୍କ ପାଇଁ ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମ ଆଚାର୍ଯ୍ୟ ହରିହର ଛକରେ ରହିଛି। ଏହି ଶିକ୍ଷାଶ୍ରମକୁ ନେଇଥିବା ଟ୍ରଷ୍ଟିକୁ ସରକାର ଲିଜ ସୂତ୍ରରେ ଜମି ଦେଇଛନ୍ତି । ପରେ ଜିଲାପାଳ ବି ପି ଏଲ କେଶ ନଂ. ୪୫/୯୬ରେ ପୁରୀ ସହର ୟୁନିଟ ନଂ. ୨୫ ଗାନ୍ଧୀଘାଟ ମୌଜାରେ ଖାତା ୮୮/୭୭, ପ୍ଲଟ, ୬୭ଏରିଆ –୯୩୫ ଡିସିମିଲ ଜମି ସମ୍ପାଦକ, ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମ ନାଁରେ ପ୍ରଦାନ କରାଯାଇଛି। କିନ୍ତୁ କେତେଜଣ ସଭ୍ୟ ପରିଚାଳନା କମିଟି ନାଁରେ ଉକ୍ତ ଜମିକୁ ପ୍ଲଟିଂ ଯୋଜନାରେ ୯ଟି ପ୍ଲଟ କରି ଜମି ମାଫିଆଙ୍କୁ ବିକ୍ରି କରିବାକୁ ପିକେଡିଏରେ ପ୍ଲାନ ପାଇଁ ଆବେଦନ କରିଛନ୍ତି। ଏହା ଜଣାପଡ଼ିବା ପରେ ଶରତ ରାୟଗୁରୁ ବିରୋଧ କରିଛନ୍ତି। ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ଜିଲାପାଳ ଏହାର ପରିଚାଳନା ଭାର ନିଅନ୍ତୁ। ଟ୍ରଷ୍ଟର କମିଟିର ବୈଧତାକୁ ତଦନ୍ତ କରି ଭିଜିଲାନ୍ସ ତଦନ୍ତ କରି ଯେଉଁମାନେ ଏହି ଜମି ସ୍କାମରେ ସମ୍ପୃକ୍ତ, ସେମାନଙ୍କୁ ଗିରଫ କରାଯାଉ ବୋଲି ଦଳ ଦାବି କରିଛି। ବିକ୍ଷୋଭରେ ଜଗନ୍ନାଥ ଦେଓ, ରେବତୀ ବଲ୍ଲଭ ମହାପାତ୍ର, ରଣଜିତ ନାୟକ, ଗୋବିନ୍ଦ ନାୟକ, ଜ୍ୟୋତ୍ସ୍ନା ମୁଖାର୍ଜୀ ଏବଂ ବାହାନ ପରିଡା ପ୍ରମୁଖ ଯୋଗଦେଇଥିଲେ।

## ୮,୯ରେ ଜିଲାରେ ଭାଜପାର ବିକ୍ଷୋଭ

ପୁରୀ ଅଫିସ,୭।୭

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନରେ ରାଜ୍ୟ ସରକାର ଅନିୟମିତତା କରିଥିବା ଓ ଦଳୀୟ ଭିତ୍ତିରେ ଆବଣ୍ଟନ କରିଥିବା ଜିଲା ଭାଜପା ଅଭିଯୋଗ କରିଛି। ଓଡ଼ିଶା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାବଦକୁ ୨୯.୯୧ ଲକ୍ଷ ପକ୍କାଘର ନିର୍ମାଣ ପାଇଁ ରାଶି ଦେଇଥିବା ବେଳେ ଏହା ପ୍ରକୃତ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ରାଜ୍ୟରେ ଥିବା ସରକାର ଦୁର୍ନୀତିଗ୍ରସ୍ତ ହୋଇ ପ୍ରଶାସନ ଜରିଆରେ ଦଳୀୟ କର୍ମୀଙ୍କୁ ଆବାସ ଯୋଜନା ବାଣ୍ଟୁଛନ୍ତି କିମ୍ବା ଲୋକଙ୍କଠାରୁ ଲାଞ୍ଚ ନେଇ ଆବାସ ଯୋଜନା କରାଉଛନ୍ତି। ଏ ନେଇ ବିଗତ ଦିନରେ କେନ୍ଦ୍ରୀୟ ଟିମ୍ ସ୍ଥିତି ଯାଞ୍ଚ ପାଇଁ ଓଡ଼ିଶା ଆସିଥିଲା।

ଓଡ଼ିଶାର ୫ଟି ଜିଲାର ୧୫ଟି ପଞ୍ଚାୟତରେ ପହଞ୍ଚି ତୃଣମୂଳ ସ୍ତରରେ ଆବାସ ଯୋଜନା ଆବଣ୍ଟନର ସତ ଖୋଜିଥିଲା। କେନ୍ଦ୍ରୀୟ ଟିମ୍‌ର ରିପୋର୍ଟ ଅନୁଯାୟୀ, ଆବାସ ଯୋଜନା ଆବଣ୍ଟନରେ ଅନେକ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି। ୯୮, ୫୦୦ ହିତାଧିକାରୀଙ୍କ ନାମ ଓଭରରାଇଡ୍ କରି ପରିବର୍ତ୍ତନ କରାଯାଇଛି। ଆକାଉଣ୍ଟ ନମ୍ବର ପରିବର୍ତ୍ତନ କରି ଅର୍ଥ ତୋସରପାତ ହୋଇଛି ବୋଲି ଖବରଦାତା ସମ୍ମିଳନୀରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାର ଓ ପ୍ରଶାସନର ଏତାଦୃଶ କାର୍ଯ୍ୟକଳାପ ବିରୋଧରେ ପୁରୀ ଜିଲାର ସମସ୍ତ ବ୍ଲକ୍‌ରେ ଜୁଲାଇ ୮ ଓ ୯ ତାରିଖରେ ବିକ୍ଷୋଭ ପ୍ରଦର୍ଶନ ହେବ ବୋଲି ଭାଜପା ନେତୃବୃନ୍ଦମାନେ କହିଛନ୍ତି। ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା ଓ ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

କୋଣାର୍କ/ଗୋପ/ନିମାପଡ଼ା/ ଅସ୍ତରଙ୍ଗ, ୭।୭ (ଡି.ଏନ୍.ଏ.)

ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ କୋଣାର୍କ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ କୋଣାର୍କ ନଗର କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଉପେନ୍ଦ୍ର କାଣ୍ଡିଙ୍କ ସଭାପତିତ୍ୱରେ ଭରତଚନ୍ଦ୍ର ପାଢୀ, ପୂର୍ବତନ କାଉନସିଲର ବିଜୟ ନଦୀ, ସୁବୋଧ ଖଟୁଆ, ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ନାୟକ, ଦିବାକର ନାୟକ, ବାବାଜୀ ଖଟୁଆ, ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଗୋପ ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ନିମାପଡ଼ା ସଭାପତି ବିଜୟ ପ୍ରଧାନଙ୍କ ନେତୃତ୍ୱରେ ୨୦୦ କର୍ମୀଙ୍କୁ ନେଇ ବ୍ଲକ ସମ୍ମୁଖରେ ବିକ୍ଷୋଭରେ ବସିଥିଲେ। ଏଥିରେ ସରପଞ୍ଚ ବାବୁଲି ବାରିକ, ସୁବାସ ମଲ୍ଲିକ, ଦିଲୀପ ପଟ୍ଟନାୟକ, ସୁଶାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେହିଭଳି ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ବାଡେଇ ଧାରଣା ଦିଆଯାଇଥିଲା। ବ୍ଲକ ସଭାପତି ବାଉରିବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଅମିୟ ପଟ୍ଟନାୟକ, ସଭାପତି ବିକାଶ ବାରିକ, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ଭୋଳ, ପବିତ୍ର ବସ୍ତିଆ, ପ୍ରତାପ ଖୁଣ୍ଟିଆ, ଅରୁଣ ସ୍ୱାଇ ପ୍ରମୁଖ ସାମିଲ ଥିଲେ।




ବିଭିନ୍ନ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ପୁରୀ ସଦର କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।